ଜୁନ୍ ୨୯ - ଜୁଲାଇ ୦୫, ୨୦୨୫

- ପୁଣି ଲେଉଟିଲା ଓଡ଼ିଆ ସିନେମା
- ଫେରୁଛି ପୁରୁଣା ଦିନ
- ଓଡ଼ିଆ ସିନେମାର ଶୁଭଦିନ
- ନିଛକ ଓଡ଼ିଆ କାହାଣୀ ପସନ୍ଦ
- ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ

ରବିବାର
ସକାଳ
THE SAKALA
ସିନ୍ଦୁରା







# ଓଡ଼ିଆ ସିନେମା
# ଲେଉଟାଣି ମୋଡ଼



ଓଡ଼ିଆ ଚଳଚ୍ଚିତ୍ର ଇତିହାସ ବେଶ୍ ପ୍ରାଚୀନ । ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଶହ ଶହ ଚଳଚ୍ଚିତ୍ର ନିର୍ମିତ ହୋଇଛି । ସେଥିମଧ୍ୟରୁ କେତେକ ଚଳଚ୍ଚିତ୍ର ଦର୍ଶକଙ୍କ ମନଛୁଆଁ ହୋଇପାରିଛି । ଆଉ ଭଲ ବ୍ୟାବସାୟିକ ସଫଳତା ମଧ୍ୟ ଲାଭ କରିଛି । ତେବେ କେତେକ ସିନେମାରୁ ଦର୍ଶକ ମୁହଁ ଫେରାଇ ନେଇଛନ୍ତି । ସତୁରି, ଅଶି, ଦଶକର ଅନେକ ଓଡ଼ିଆ ଫିଲ୍ମକୁ ଏବେ ବି ଦର୍ଶକେ ଭୁଲି ପାରିନାହାନ୍ତି । କଳାକାରଙ୍କ ଉଚ୍ଚକୋଟୀର ଅଭିନୟ ହେଉ କି ହୃଦୟସ୍ପର୍ଶୀ ନୃତ୍ୟଗୀତ ହେଉ ଅବା ମୌଳିକ କାହାଣୀ । ସବୁ କିଛି ସିନେ ଦର୍ଶକଙ୍କୁ ଗଭୀର ଭାବେ ଆକୃଷ୍ଟ କରୁଥିଲା । ସେତେବେଳେ ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ ଥିଲା । ତେବେ ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମାକୁ ଅନେକ ଅପବାଦ ମୁଣ୍ଡାଇବାକୁ ପଡ଼ିଥିଲା । ଅନ୍ୟ ଭାଷାର ଚଳଚ୍ଚିତ୍ରର କାହାଣୀକୁ ନକଲ କରି ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଥିଲା । ଏପରିକି ସିନେମାର କିଛି ଦୃଶ୍ୟକୁ ଅବିକଳ ଭାବେ ନକଲ କରାଯାଇ ଓଡ଼ିଆ ଫିଲ୍ମ ତିଆରି କରାଯାଉଥିବା ଅଭିଯୋଗ ହେଉଥିଲା । ତେଣୁ ଧୀରେ ଧୀରେ ଦର୍ଶକ ଓଡ଼ିଆ ଫିଲ୍ମରୁ ମୁହଁ ଫେରାଇବାକୁ ଲାଗିଲେ । ଫଳରେ ପ୍ରେକ୍ଷାଳୟରେ ଅଧିକ ଦିନ ଧରି ଓଡ଼ିଆ ସିନେମା ଚାଲି ପାରୁନଥିଲା । ତେବେ କରୋନା ମହାମାରୀ ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅନେକ ପରିବର୍ତ୍ତନ ଆସିଛି । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଜନଜୀବନକୁ ନେଇ ତିଆରି ହେବାରେ ଲାଗିଛି ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ର । ଯାହା ବେଶ୍ ଦର୍ଶକୀୟ ପ୍ରଶଂସା ସାଉଁଟିବା ସହିତ ଭଲ ବ୍ୟବସାୟ ମଧ୍ୟ କରୁଛି । ସଂପୂର୍ଣ୍ଣ ଓଡ଼ିଆ ପାରିବାରିକ ମୌଳିକ କାହାଣୀକୁ ନେଇ ନିର୍ମିତ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ ବଢୁଛି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ନିର୍ମିତ କେତେକ ଚର୍ଚ୍ଚିତ ଚଳଚ୍ଚିତ୍ରକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଓଡ଼ିଆ ସିନେମା: ଲେଉଟାଣି ମୋଡ଼**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ଛାତ୍ରଛାତ୍ରୀମାନେ କ୍ୟାରିୟର୍‌ରେ ଉନ୍ନତି କରିବେ ।

**ବୃଷ**
ରବି, ସୋମ,ମଙ୍ଗଳବାରରେ ଧନହାନି ହୋଇପାରେ । ମନସ୍ତାପ ଓ ସମସ୍ୟା ବୃଦ୍ଧି ପାଇବ । ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଭାଇଭଉଣୀଙ୍କ ସହଯୋଗ ପାଇବେ ।

**ମିଥୁନ**
ରବି, ସୋମ,ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ସିଂହ**
ରବି, ସୋମ,ମଙ୍ଗଳବାରରେ କ୍ୟାରିୟର୍‌ରେ ଉନ୍ନତି ପରିଲକ୍ଷିତ ହେବେ । ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ । ବିଦେଶ ଯାତ୍ରା ଯୋଗ ରହିଛି ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ସଫଳତାର ରାସ୍ତା ପାଇବେ । ଅନେକ ଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ବିଛା**
ରବି, ସୋମ,ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ । କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବେ ।

**ଧନୁ**
ରବି, ସୋମ,ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଦୂରଯାତ୍ରାର ଯୋଗ ରହିଛି ।

**ମକର**
ରବି, ସୋମ,ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ,ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି । ବ୍ୟବସାୟରେ କ୍ଷତି ହୋଇପାରେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ପରିବାରରେ ଏକତା ବଢ଼ିବ । ବୁଧ,ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ସୁଖ ସନ୍ତୋଷର ଅଧିକାରୀ ହେବେ ।

# ପୁଣି ଲେଉଟିଲା ଓଡ଼ିଆ ସିନେମା






ବସନ୍ତ ସାହୁ

୨୦୨୦ ମସିହା ସମଗ୍ର ପୃଥିବୀକୁ ଆକ୍ରାନ୍ତ କରିଥିଲା ଶତାବ୍ଦୀର ସବୁଠାରୁ ବଡ଼ ମହାମାରୀ 'କରୋନା' । ସବୁ କିଛି ଓଲଟ ପାଲଟ ହେଇଗଲା । ସମଗ୍ର ମାନବ ସମାଜ 'କରୋନା'ରେ କଲବଲ ହେଲେ । ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି, ବ୍ୟବସାୟ, ଜୀବନ ଜୀବିକା, ମନୋରଞ୍ଜନ ପ୍ରତ୍ୟେକ କ୍ଷେତ୍ରରେ ଅଭୂତପୂର୍ବ କ୍ଷତି ହେଲା । ଆଉ ସେଥିରେ ଆମର କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ରର ପ୍ରଚୁର କ୍ଷତି ହେଲା । ସେଥିପାଇଁ କମ୍ ବଜେଟରେ, କମ୍ ଦିନରେ ଚଳଚ୍ଚିତ୍ର ନିର୍ମାଣ ହେଲା, ଯାହାକି କେବଳ ଟେଲିଭିଜନରେ ହିଁ ପ୍ରଦର୍ଶିତ ହେଲା । ବଡ଼ ପରଦାର ଛବି ନିର୍ମାଣ ନହେବାରୁ, ବଡ଼ ବଜେଟ୍‌ର ଛବି ନିର୍ମାଣ ନହେବାରୁ ଓ ଚାକଚକ୍ୟ ସହିତ ମନୋରଞ୍ଜନରେ ଭରପୂର ଛବି ନିର୍ମାଣ ନ ହେବାରୁ ଦର୍ଶକ ସିନେମା ହଲ୍ ବା ପ୍ରେକ୍ଷାଳୟରୁ ମୁହଁ ଫେରେଇ ନେଲେ । ଟିକେଟ କିଣି, ପ୍ରେକ୍ଷାଳୟକୁ ଆସି ନିମ୍ନମାନର ସିନେମା ଦେଖିବାକୁ ପସନ୍ଦ କଲେନି । ଏହି ସମୟରେ କେହି କେହି ଓଡ଼ିଆ ସିନେମାର କପି ପେଷ୍ଟ ପଦ୍ଧତିକୁ ମଧ୍ୟ ଦାୟୀ କଲେ । ଏହିପରି ବିଭିନ୍ନ କାରଣରୁ ଦର୍ଶକ ପ୍ରେକ୍ଷାଳୟରୁ ମୁହଁ ଫେରେଇ ନେଲେ ।

## ଭିନ୍ନ ଧରଣର ସିନେମା ନିର୍ମାଣର ଧାରା



ସମଗ୍ର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ସଂକଟ ଦେଇ ଗତି କରୁଥିଲ ବେଳେ ହଠାତ୍ ୨୦୨୨ ମସିହାରେ ଏକ ଭିନ୍ନ ଧରଣର ସିନେମା 'ଦମନ' ମୁକ୍ତି ଲାଭ କଲା ଏବଂ ହଠାତ୍ ଚଳଚ୍ଚିତ୍ରରେ ସଫଳତାର ଏକ କ୍ଷୀଣ ଆଲୁଅ ଦେଖାଗଲା । 'ଦମନ' ଅଭୂତପୂର୍ବ ସଫଳତା ପାଇଲା । ୨୦୨୦ ମସିହା ପରର ଏହା ଏକ ପୂର୍ଣ୍ଣ ସଫଳତା ସିନେମାର ମାନ୍ୟତା ଲାଭ କଲା । ଦର୍ଶକ କିଛି ମାତ୍ରାରେ ପ୍ରେକ୍ଷାଳୟକୁ ଯାଇ ସିନେମାଟିକୁ ପରିବାର ସହ ଦେଖିଲେ ଏବଂ ପୁଣି ଥରେ ଚଳଚ୍ଚିତ୍ର ଜଗତର ଲୋକମାନଙ୍କ ଆଶା ସଂଚରିଲା ଯେ, ଏବେ ସିନେମା ନିର୍ମାଣ କରିହେବ । ପରେ ପରେ ପୁଣି ଅନେକ ଛବି ନିର୍ମାଣ ହେଲେ ମଧ୍ୟ ଆଖିଦୃଶିଆ ସଫଳତା ପାଇଲାନି । ଯଦିଓ 'ପାବାର', 'କୁହୁଡ଼ି' ଇତ୍ୟାଦି ଚଳଚ୍ଚିତ୍ର ପୁଣି ଦର୍ଶକଙ୍କୁ ପ୍ରେକ୍ଷାଳୟରେ କିଛି ମାତ୍ରାରେ ବାନ୍ଧି ରଖିପାରିଲା । ତଥାପି ଅନେକ ଛବି ନିର୍ମାଣ ହେଉ ଥିଲେ ବି ଅକାଳରେ ଝଡ଼ି ପଡୁଥିଲେ । ୨୦୨୪ ଦଶହରାରେ ମୁକ୍ତିଲାଭ କଲା ଚଳଚ୍ଚିତ୍ର 'କର୍ମ' । ଅନୁଭବଙ୍କ ଅଭିନୀତ ଏବଂ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'କର୍ମ' ଏକ ବ୍ୟୟ ବହୁଳ ତଥା ସ୍ୱଚ୍ଛ ସଂପୂର୍ଣ୍ଣ ଚଳଚ୍ଚିତ୍ରର ମାନ୍ୟତା ପାଇଲା । ଅନେକ ଦିନ ପରେ ପୁଣି ଦର୍ଶକଙ୍କ ଭିତରେ ଉନ୍ମାଦନା ଖେଳିଗଲା । ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ରେକର୍ଡ ବ୍ୟବସାୟ କଲା । ବହୁତ ଦିନରେ ପରେ ପ୍ରେକ୍ଷାଳୟରେ ସପରିବାର ଭିଡ଼ ପରିଲକ୍ଷିତ ହେଲା । ସର୍ବତ୍ର ଆନନ୍ଦର ଲହରୀ ଖେଳି ଗଲା । ବ୍ୟୟବହୁଳ ଚଳଚ୍ଚିତ୍ର 'କର୍ମ' ସଫଳତା ପାଇ ପ୍ରମାଣ କରିଦେଲା ଯେ, ସିନେମାକୁ ପ୍ରକୃତ ନ୍ୟାୟ ଦେଇ ନିର୍ମାଣ କଲେ ଦର୍ଶକୀୟ ସ୍ୱୀକୃତି ମିଳିବା ଥୟ ।






# 'ବୋଉ ବୁଟୁ ଭୂତ' ଓ 'ଅନନ୍ତା'କୁ ଦର୍ଶକୀୟ ସ୍ୱୀକୃତି

କିଛି ଦିନର ନୀରବତା, ପୁଣି ଅନେକ ଚଳଚ୍ଚିତ୍ରର ବିଫଳତା କିଛିମାତ୍ରାରେ ହୃଦୟକୁ ଦୁଃଖ ଦେଉଥିଲା ବେଳେ ଆସିଲା ରଜ ଏବଂ ରଜ ଉପଲକ୍ଷେ ଅନେକ ଛବି ମୁକ୍ତିଲାଭ କରିବା ପାଇଁ ଜୋରସୋରରେ ଲାଗି ପଡ଼ିଲେ । କିନ୍ତୁ ଦୁଇଟି ସିନେମାର ଦମ୍ଭ ଦେଖି ଅନ୍ୟମାନେ ଦୂରେଇ ଗଲେ । ଏହା ଏକ ଶୁଭ ଲକ୍ଷଣ । ଅନେକ ଗୁଡ଼ିଏ ସିନେମା ଏକାସାଙ୍ଗରେ ମୁକ୍ତିଲାଭ କରାଇବା ଆମ ଚଳଚ୍ଚିତ୍ର ଜଗତ ପ୍ରତି ବିପଦଜନକ । ରଜର ଗୋଟିଏ ସପ୍ତାହ ପୂର୍ବରୁ ଏକ ଛବି ମୁକ୍ତିଲାଭ କଲା, ଯାହାକି ରଜ ବେଳକୁ ପ୍ରମୁଖ ସହରଗୁଡ଼ିକରୁ ଉଠି ଯାଇଥିଲା । ରଜ ଉପଲକ୍ଷେ ଗୋଟିଏ ଦିନ ଅର୍ଥାତ୍ ଜୁନ୍ ୧୨ ତାରିଖ ଦିନ ମୁକ୍ତି ଲାଭ କଲା 'ଅନନ୍ତା' ଓ 'ବୋଉ ବୁଟୁ ଭୂତ' ।

ଅନନ୍ତା କଥା ପ୍ରଥମେ ନିଆଯାଉ । ଏହା ଏକ ବହୁ ପ୍ରତୀକ୍ଷିତ ସିନେମା ଥିଲା ଏବଂ ଏହି ସିନେମା ସହିତ କିଛି ବିବାଦ ମଧ୍ୟ ଯୋଡ଼ି ହେଇଥିଲା । କାରଣ ଏହାର ପ୍ରଥମ ନାମକରଣ ଥିଲା 'ରାଣ୍ଡୀ ପୁଅ ଅନନ୍ତା' । କିଛି ନିର୍ଦ୍ଦିଷ୍ଟ ଲୋକଙ୍କ 'ରାଣ୍ଡୀ' ଶବ୍ଦକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଯୋଗୁଁ ପ୍ରଯୋଜନା ସଂସ୍ଥାକୁ ବାଧ୍ୟ କରିଥିଲା 'ରାଣ୍ଡୀ ପୁଅ ଅନନ୍ତା'କୁ ବଦଳେଇ 'ଅନନ୍ତା' ରଖିବାକୁ । ଯଦିଓ ଏହା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା' ଅବଲମ୍ବନରେ ତିଆରି ହୋଇଛି । କିନ୍ତୁ ଏହାର ବ୍ୟାବସାୟିକ ଦୃଷ୍ଟିକୋଣକୁ ରଖି ଚିତ୍ରନାଟ୍ୟ ପ୍ରସ୍ତୁତ ହୋଇଥିବାରୁ ଏହା ଦର୍ଶକୀୟ ସ୍ୱୀକୃତି ପାଇଲା । ହୃଦୟସ୍ପର୍ଶୀ ଗୀତ, ଦମଦାର ସଂଳାପ, ଉଚ୍ଚକୋଟୀର ଅଭିନୟ ଓ ଆକର୍ଷଣୀୟ ଚିତ୍ରୋତ୍ତଳନ ସହିତ ଦମଦାର ନିର୍ଦ୍ଦେଶନା 'ଅନନ୍ତା'କୁ ଲୋକପ୍ରିୟ କରାଇଲା ଏବଂ ରଜ ବଜାରକୁ 'ଅନନ୍ତା' ସରଗରମ କରି ରଖି ପାରିଲା । ଏହା ଏକ ଏପରି ଛବି ଯାହାକୁ ଲେଖକ, ବୁଦ୍ଧିଜୀବୀ, ଗୃହିଣୀ ତଥା ସାଧାରଣ ଦର୍ଶକ ସମସ୍ତେ ଭଲପାଇଲେ ଏବଂ ଛବିଟିକୁ ଅପାର ସଫଳତା ଦେଲେ । ସ୍ୱାଭାବିକ ଭାବେ ମନରେ ଭାବନା ଆସିଲା ଯେ, ଅନେକ ଦିନ ଧରି ଦର୍ଶକ ଅଭିଯୋଗ କରୁଥିଲେ ଓଡ଼ିଆ ଗଳ୍ପ ଉପନ୍ୟାସକୁ ନେଇ ଚିତ୍ର କାହିଁକି ନିର୍ମାଣ ହେଉନି? ବୋଧେ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ଗଳ୍ପକୁ ନେଇ ସିନେମା ନିର୍ମାଣ କରି ପ୍ରଯୋଜକ ଦର୍ଶକଙ୍କ ନିକଟତର ହେଇପାରିଲେ । ସିନେମା ହଲରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଲା ।




## ବ୍ୟାବସାୟିକ ସଫଳତା

ଅନ୍ୟପକ୍ଷରେ ଆଉ ଏକ ଛବି 'ବୋଉ ବୁଟୁ ଭୂତ' ମଧ୍ୟ ମୁକ୍ତିଲାଭ କରିଥିଲା । ଯାହା ଏ ଲେଖା ଲେଖିବା ବେଳକୁ ୧୨ଦିନରେ ଓଡ଼ିଶାର ସମସ୍ତ ବକ୍ସ ଅଫିସ୍ କଲେକସନ୍‌କୁ ଅତିକ୍ରମ କରି ଏକ ନାହିଁ ନ ଥିବା ରେକର୍ଡ ସୃଷ୍ଟିକାରୀ ଛବିର ମାନ୍ୟତା ପାଇ ସାରିଲାଣି । କଟକ, ଭୁବନେଶ୍ୱର ସମେତ ଓଡ଼ିଶା ତଥା ରାଜ୍ୟ ବାହାରେ ମଧ୍ୟ ମୁକ୍ତିଲାଭ କରି ପୂର୍ଣ୍ଣ ପ୍ରେକ୍ଷାଳୟରେ ଆଗେଇ ଚାଲିଛି 'ବୋଉ ବୁଟୁ ଭୂତ' । ଏତେ ଦର୍ଶକ ସିନେମା ହଲକୁ ଆସୁଛନ୍ତି ଦେଖି ପୁରୁଣା ଦିନର ସ୍ମୃତିଗୁଡ଼ିକ ମନେ ପଡ଼ି ଯାଉଛି । ରଜରେ ଏହିପରି ଲୋକଙ୍କ ବା ସିନେ ଦର୍ଶକଙ୍କ ଓଡ଼ିଆ ସିନେମା ଦେଖିବାର ଆଗ୍ରହ ଥିଲା, କିନ୍ତୁ ମଝି ସମୟରେ ତାହା ସମ୍ପୂର୍ଣ୍ଣ ରୂପେ ଉଭାନ୍ ହୋଇଯାଇଥିଲ । ବର୍ତ୍ତମାନ ପୁଣି ଦର୍ଶକଙ୍କ ସୁଅ ଦେଖି ସମସ୍ତେ ଯଥା- ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ତଥା ଚଳଚ୍ଚିତ୍ର ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷ ଆନନ୍ଦରେ ଆତ୍ମବିଭୋର । ଓଡ଼ିଆ ସିନେମାକୁ ଦର୍ଶକୀୟ ଆଦର ପୁଣି ଫେରି ଆସିଲା । କିଛି ଦିନ ତଳେ ଦର୍ଶକ ତଥା ସମୀକ୍ଷକ ଚିନ୍ତା ପ୍ରକଟ କରୁଥିଲେ ଓଡ଼ିଆ ସିନେମା ଚାଲୁନି କାହିଁକି? ଆଜି ଠିକ୍ ଓଲଟା ଏତେ ଦର୍ଶକ ଓଡ଼ିଆ ସିନେମା ଦେଖିବା ପାଇଁ ଆସିଲେ କୋଉଠୁ? ନାନା ମୁନିଙ୍କର ନାନା ମତ । କିଏ କହୁଛି ବହୁତ ଦିନ ପରେ ଅପରାଜିତାଙ୍କୁ ଦେଖିବା ପାଇଁ ଭିଡ଼, କିଏ କହୁଛି ବାବୁସାନଙ୍କୁ ଦର୍ଶକ ବର୍ଷ ସାରା କମ୍ ଦେଖୁଛନ୍ତି, ତେଣୁ ସେଥିପାଇଁ ଭିଡ଼, କିଏ କହୁଛି ଅନେକ ଦିନ ପରେ ବାବୁସାନ – ଅର୍ଚ୍ଚିତା ଯୋଡ଼ିଙ୍କୁ ଦେଖିବାକୁ ଭିଡ଼ ହେଉଛି । ପୁଣି କିଏ କହୁଛି ଓଡ଼ିଆ ସିନେମାରେ ପ୍ରଥମଥର ପାଇଁ ଏକ ହରର୍ ଚଳଚ୍ଚିତ୍ର ହୋଇଛି ତେଣୁ ସେଥିପାଇଁ ଭିଡ଼ । ସେଭଳି ଆଉ କିଏ କହୁଛି ପ୍ରଚୁର ମାତ୍ରାରେ ପ୍ରଚାର ପ୍ରସାର ହେଉଛି ଏବଂ ଇନ୍‌ଫ୍ଲୁଏନ୍ସରମାନେ ପରିଶ୍ରମ କରିଛନ୍ତି ସେଥିପାଇଁ ଭିଡ଼, କିଏ କହୁଛି ଆରେ ଭାଇ ରଜ ପର୍ବରେ ଓଡ଼ିଆ ସିନେମା ପ୍ରେକ୍ଷାଳୟରେ ଚାଲିଥାଏ, ତେଣୁ ଏତେ ଭିଡ଼ । ତେବେ କାରଣ ଯାହା ହେଉନା କାହିଁକି ଦର୍ଶକ ପସନ୍ଦ କଲେ ଏବଂ ସିନେମା ଚାଲିଲା – 'ଅନନ୍ତା' ବି ଚାଲିଲା, 'ବୋଉ ବୁଟୁ ଭୂତ' ବି ବହୁତ ଚାଲିଲା- ଦର୍ଶକଙ୍କ ଲେଉଟାଣି ହେଲାମାନେ ଜବରଦସ୍ତ ଲେଉଟାଣି ହେଲା ଏହା ହିଁ ଆମ ଓଡ଼ିଆ ସିନେମା ଜଗତ ପାଇଁ ଶୁଭ ତଥା ଖୁସି ଖବର ।

## ପ୍ରେକ୍ଷାଳୟ ମୁହାଁ ହେଉ ସିନେମା

ଚଳିତ ବର୍ଷ କିଛି ଦିନ ତଳେ 'ଘମାଘୋଟ', 'ଡଷ୍ଟବିନ୍', 'ପାଦେ ଆକାଶ', 'ଆଜିର ରେବତୀ' ଛବି ମୁକ୍ତିଲାଭ କରିଥିଲା । କିନ୍ତୁ ଏହା କୌଣସି ପୂଜା, ପାର୍ବଣ ନ ହୋଇଥିବାରୁ ସେତେଟା ଦର୍ଶକ ପ୍ରେକ୍ଷାଳୟ ମୁହାଁ ହୋଇନଥିଲେ । ତେବେ ଓଡ଼ିଆ କ୍ଲାସିକ୍ 'ଅନନ୍ତା' ଏବଂ 'ବୋଉ ବୁଟୁ ଭୂତ' ସବୁ ରେକର୍ଡ ଭାଙ୍ଗିବା ସହିତ ଦର୍ଶକଙ୍କୁ ପୁଣି ଥରେ ପ୍ରେକ୍ଷାଳୟ ମୁହାଁ କରେଇଦେଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଆଗକୁ ଆସୁଥିବା ନୂତନ ଚଳଚ୍ଚିତ୍ର 'I am Kalia', 'ଶ୍ରୀଜଗନ୍ନାଥଙ୍କ ନବକଳେବର', 'ଗଣ୍ଡ ଭୈରବ', 'ଛି ଛି ରେ ନନୀ', 'ଡେଲିଭରି ବୟ-୨', 'ଚ୍ୟାଲେଞ୍ଜ' ଏବଂ 'ଲଢ଼େଇ' ପରି ଚଳଚ୍ଚିତ୍ରକୁ ଦର୍ଶକ ସମର୍ଥନ ଦିଅନ୍ତୁ । ■











ସିନେ ନିର୍ଦ୍ଦେଶକ, ତୁଳସୀପୁର, କଟକ



ହରପ୍ରସାଦ ମହାପାତ୍ର

୧୯୩୬ ମସିହାରେ ନିର୍ମିତ ହୋଇଥିଲା ପ୍ରଥମ ଓଡ଼ିଆ ସିନେମା 'ସୀତାବିବାହ'। ତୁଳନାତ୍ମକ ଦୃଷ୍ଟି କୋଣରୁ ଅନ୍ୟାନ୍ୟ ଆଞ୍ଚଳିକ ଚଳଚ୍ଚିତ୍ର ଶିଳ୍ପଠାରୁ ଏହା ବହୁ ପୁରୁଣା। ତଥାପି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଜାତୀୟସ୍ତରରେ ସେପରି ମାନ୍ୟତା ପାଇପାରି ନ ଥିଲା ଯେପରି ମାନ୍ୟତା ବଙ୍ଗଳା, ତେଲୁଗୁ, ତାମିଲ, ଆସାମୀ ଓ ମରାଠୀ ଚଳଚ୍ଚିତ୍ର ଶିଳ୍ପକୁ ମିଳିଥିଲା। ହେଲେ ଏବେ ଏବେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ କାହାଣୀ, ନିର୍ମାଣ ଶୈଳୀ, କଳା କୌଶଳ, ରୂପାୟନକୁ ନେଇ କ୍ରମାଗତ ଭାବେ ପରୀକ୍ଷା ନିରୀକ୍ଷା ଜାରି ରହିଛି। ଚଳଚ୍ଚିତ୍ର ପାଇଁ ବଜେଟ ବଢ଼ିଛି। ଉଭୟ କଳାତ୍ମକ ଓ ବ୍ୟାବସାୟିକ ଦୃଷ୍ଟିକୋଣରୁ ଚଳଚ୍ଚିତ୍ରଗୁଡ଼ିକ ସଫଳତା ହାସଲ କରିବାରେ ସମର୍ଥ ହେଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ 'ଦମନ', 'ପ୍ରତୀକ୍ଷା', 'ପାବାର', 'ଡ଼େଲିଭରି ବୟ', 'କର୍ମ', 'ଅନନ୍ତା', 'ବୋଉ ବୁଟୁ ଭୂତ'ର ବ୍ୟାବସାୟିକ ସଫଳତା ନିର୍ମାତା ନିର୍ଦ୍ଦେଶକଙ୍କ ପାଇଁ ଆଶା, ଭରସା ଓ ବିଶ୍ୱାସ ଆଣିଦେଇଛି।



# ଫେରୁଛି ପୁରୁଣା ଦିନ




## ଓଡ଼ିଆ ସିନେମାର ସୁବର୍ଣ୍ଣ ସମୟ

୧୯୭୦ ଓ ୮୦ ଦଶକ ଥିଲା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଇଁ ସୁବର୍ଣ୍ଣ ସମୟ। ଦିନ ଥିଲା ଯେତେବେଳେ ଓଡ଼ିଆ ସିନେମା ୨୫ ଦିନ ଓ ୫୦ ଦିନ ଚାଲୁଥିଲା। 'ସିଲ୍‌ଭର ଜୁବୁଲି' ଓ 'ଗୋଲଡେନ ଜୁବୁଲି' ପାଳନ କରୁଥିଲା। ଗୌରବମୟ ଚତୁର୍ଥ ସପ୍ତାହ ଓ ଅଷ୍ଟମ ସପ୍ତାହ ଧରି ପୂର୍ଣ୍ଣ ପ୍ରେକ୍ଷାଳୟରେ ପ୍ରଦର୍ଶନ ଜାରି ରଖୁଥିଲା। ସଫଳତାର ଶହେ ଦିନ ବି ପାଳନ କରୁଥିଲା। ହେଲେ କପି ସିନେମାର ଧାରା ଏହି ଗୌରବମୟ ପରମ୍ପରାକୁ ନଷ୍ଟ କରିଦେଲା। ଚତୁର୍ଥ ସପ୍ତାହ ଦୂରର କଥା, ଚଳଚ୍ଚିତ୍ର ସବୁ ଚାରି ଦିନରେ ପ୍ରେକ୍ଷାଳୟରୁ ଉଭାନ। ଆଗରୁ କପି ସିନେମା ଯେ ହେଉ ନ ଥିଲା, ତାହା ନୁହେଁ। କିନ୍ତୁ ସେଥିରେ ଓଡ଼ିଆ ଚଳଣି, ସଂସ୍କୃତି ଓ ପରମ୍ପରାର ପୁଟ ଦେଇ ପରଷା ଯାଉଥିଲା। ଫଳରେ ଓଡ଼ିଆ ଦର୍ଶକଙ୍କ ଦ୍ୱାରା ଆଦୃତ ହେଉଥିଲା। ଏହି କ୍ରମରେ 'ଗପ ହେଲେ ବି ସତ', 'ଶେଷ ଶ୍ରାବଣ', 'ମା ଓ ମମତା', 'ବଳିଦାନ', 'ପୂଜା', 'ଜଗା ହାତରେ ପଘା', 'କବେରୀ', 'ଦଣ୍ଡା ବାଳୁଙ୍ଗା', 'ଲାଲ ପାନ ବିବି', 'ପୁଅ ମୋର କଳା ଠାକୁର' ଓ 'ଚକା ଆଖି ସବୁ ଦେଖୁଚି' ପ୍ରମୁଖ ସିନେମା ଉଲ୍ଲେଖନୀୟ। ବ୍ରଜରାଜ୍ ମୁଭିଜ୍ ନିବେଦିତ 'ଆଇ ଲଭ ୟୁ' ଓ 'ହଣ୍ଡ୍ରେଡ଼ ଡେଜ୍' ବା ସଫଳତାର ଶହେ ଦିନ, ସାର୍ଥକ ମୁଭିଜ୍ ନିବେଦିତ 'ଆକାଶେ କି ରଙ୍ଗ ଲାଗିଲା' ୫୦ ଦିନ ପାଳନ କରିଥିଲା। ଦୀର୍ଘ ବର୍ଷର ବ୍ୟବଧାନ ପରେ ଅମୀୟ ପଟ୍ଟନାୟକ ଫିଲ୍ମସ୍ ନିବେଦିତ 'କର୍ମ' ୫୦ ଦିନ ପାଳନ କରିଛି।

## ଧାରା ନୁହେଁ କାହାଣୀ

୧୯୩୬ – ୨୦୨୩ ମସିହା ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଭିନ୍ନ ଭିନ୍ନ ଓ ସମସାମୟିକ ପ୍ରବହମାନ ଧାରା ଦେଖିବାକୁ ମିଳିଛି। କେବେ ପ୍ରେମ ତ ପୁଣି କେତେ ବେଳେ ପାରିବାରିକ କାହାଣୀ ଓଡ଼ିଆ ସିନେମାର ଚଳନ୍ତିକା ଧାରା ସାଜିଛି। ପ୍ରେମର ଧାରାକୁ ପୁଣି ପରିପୁଷ୍ଟ କରିଛି ତ୍ରିକୋଣୀୟ ଓ ଏକପାଖିଆ ପ୍ରେମ କାହାଣୀ। ପରବର୍ତ୍ତୀ ପର୍ଯ୍ୟାୟରେ ଆକ୍ସନଧର୍ମୀ ଓ ହାସ୍ୟରସାତ୍ମକ ଚଳଚ୍ଚିତ୍ରର ଦବଦବା ଦେଖିବାକୁ ମିଳିଛି ଓଲିଉଡ୍‌ରେ। ସତୁରି ଓ ଅଶି ଦଶକରେ ବଲିଉଡ୍ ମସାଲାଧର୍ମୀ ସିନେମାର ସଫଳତା ନଜର ଆସିଛି ଓଡ଼ିଆ ଚଳଚ୍ଚିତ୍ରର ପ୍ରବହମାନ ଧାରାରେ। ଏସବୁ ବ୍ୟତୀତ କପି ସିନେମାର ଧାରା ପ୍ରାରମ୍ଭିକ ସଫଳତା ଦେଇଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ଚଳଚ୍ଚିତ୍ରକୁ ରସା ତଳକୁ ଠେଲି ଦେଇଛି, ଯେଉଁ ଉକ୍ତିକୁ ଅସ୍ୱୀକାର କରାଯାଇ ନ ପାରେ। ଏହି କାରଣରୁ





# ଇତିହାସ ରଚିଲା 'ବୋଉ ବୁଟୁ ଭୂତ'

ଦର୍ଶକ ଓଡ଼ିଆ ସିନେମାରୁ ମୁହଁ ଫେରାଇ ନେଇଛନ୍ତି। କାଁ ଭାଁ କେଉଁଠି ଗୋଟେ ଅଧେ ସିନେମା ସଫଳତା ପାଇଥିବା ବେଳେ ଶତକଡ଼ା ଅନେଶତ ଭାଗ ଚଳଚ୍ଚିତ୍ର କ୍ଷତି ସହିଛନ୍ତି। କେତେବେଳେ ମହାବାତ୍ୟା ତ କେତେବେଳେ ମହାମାରୀ କରୋନା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଅଣ୍ଟା ଭାଙ୍ଗି ଦେଇଛି। ଧାରାରେ ଆସିଛି ପରିବର୍ତ୍ତନ। ଏଣିକି ଧାରା ନୁହେଁ କାହାଣୀ ଉପରେ ବିଶ୍ୱାସ ଓ ଭରସା କରିଛନ୍ତି ନିର୍ମାତା ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ଦର୍ଶକଙ୍କ ଯାଏ ସଭିଏଁ। ନୂଆ ପିଢ଼ିର ନିର୍ମାତା ନିର୍ଦ୍ଦେଶକମାନେ ଜୋର ଦେଇଛନ୍ତି ନୂଆ, ବଳିଷ୍ଠ ଓ ମୌଳିକ କାହାଣୀ ଉପରେ। 'ଦମନ'ର ଆଶାତୀତ ସଫଳତା ପରେ ଓଡ଼ିଆ ସିନେମାକୁ ଏକ ନୂଆ ପରିଚୟ ମିଳିଛି। ପରେ ପରେ 'ପ୍ରତୀକ୍ଷା' ଓ 'ବୋଉ ବୁଟୁ ଭୂତ' ଜାତୀୟସ୍ତରରେ ବେଶ ପ୍ରଶଂସା ଓ ମାନ୍ୟତା ଆଣିଦେଇଛି ଆଞ୍ଚଳିକ ଓଡ଼ିଆ ସିନେମା ଶିଳ୍ପକୁ।



ବକ୍ସ ଅଫିସରେ ଏବେ ବାବୁସାନଙ୍କ ରାଜ୍। କ୍ରମାଗତ ଭାବେ 'ଦମନ', 'ପାବାର' ଓ 'ବୋଉ ବୁଟୁ ଭୂତ'ର ସଫଳତା ସୁପରଷ୍ଟାର୍ ବାବୁସାନଙ୍କୁ 'ବକ୍ସ ଅଫିସ୍ କିଙ୍ଗ'ର ମାନ୍ୟତା ଦେଇଛି। ରଜ ଅବସରରେ ମୁକ୍ତିଲାଭ କରିଥିବା ବାବୁସାନଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ଚଳଚ୍ଚିତ୍ର ବକ୍ସ ଅଫିସରେ ଇତିହାସ ରଚିଛି। ୧୧ ତମ ଦିନ ସୁଦ୍ଧା ୧୦ କୋଟି ଟଙ୍କା ଆୟ କରିବା ସହ ବାବୁସାନ ସବୁ ରେକର୍ଡ ଭାଙ୍ଗିଛନ୍ତି। ପ୍ରଥମ ଦିନ ୫୧.୨ ଲକ୍ଷ ଆୟ କରି ଏହା ଅନୁଭବଙ୍କ 'କର୍ମ'ର ରେକର୍ଡକୁ ଭାଙ୍ଗିବାରେ ସକ୍ଷମ ହୋଇଥିଲା। ପରବର୍ତ୍ତୀ ସମୟରେ ସେ 'ପାବାର' ଓ 'ଦମନ' କାୟମ କରିଥିବା ନିଜସ୍ୱ ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ସ୍ଥାପନ କରିଛନ୍ତି। 'କର୍ମ' ୬.୫ କୋଟି , 'ଦମନ' ୭.୫ ଓ 'ପାବାର' ୩.୫ କୋଟି ଟଙ୍କା ଆୟ କରିଥିବା ବେଳେ 'ବୋଉ ବୁଟୁ ଭୂତ' ୧୦.୩୬ କୋଟି ଟଙ୍କା ଆୟ କରିଛି। 'ବୋଉ ବୁଟୁ ଭୂତ' ଦ୍ୱିତୀୟ ଦିନରେ ୪୧.୩ ଲକ୍ଷ ଟଙ୍କା ଆୟ କରିଥିଲା। ସେହିପରି ମୁକ୍ତିଲାଭର ତୃତୀୟ ଦିନ ସୁଦ୍ଧା ଏହାର ଆୟ ଥିଲା ୧.୧୫ କୋଟି। ଚତୁର୍ଥ ଦିନ ସୁଦ୍ଧା ଏହାର ଆୟ ୨ କୋଟି ଏବଂ ପ୍ରଥମ ସପ୍ତାହରେ ୭.୧୫ କୋଟି ଟଙ୍କାରେ ପହଞ୍ଚି ଥିଲା। ୧୧ତମ ଦିନରେ 'ବୋଉ ବୁଟୁ ଭୂତ' ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରି ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ ବା କୀର୍ତ୍ତିମାନ ସ୍ଥାପନ କରିଛି। ଓଡ଼ିଶା ତଥା ଓଡ଼ିଶା ବାହାରେ ୬୦୦ରୁ ଅଧିକ ଶୋ' ହାଉସ୍‌ଫୁଲ ଯାଇଥିବା ବେଳେ ଆଗାମୀ ଦିନରେ ଏହା ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି। ଏହି ସଫଳତାର ଶ୍ରେୟ ଓଡ଼ିଶାବାସୀଙ୍କର ବୋଲି କହିଛନ୍ତି ବାବୁସାନ। ଏତେ ମାତ୍ରାରେ ଭଲପାଇବା ଦେଇ ଥିବାରୁ ସେ ଓଡ଼ିଆ ଦର୍ଶକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ଅଂଶୀଦାର ସମସ୍ତ କଳାକାର ଓ ଟେକନିସିଆନ୍‌ଙ୍କୁ ଶ୍ରେୟ ଦେବା ସହ ସେ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ଆଗାମୀ ଦିନରେ ଭଲ ଭଲ ସିନେମା ତିଆରି କରିବାକୁ ନୂଆ ନୂଆ ପ୍ରଯୋଜକଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ପୂର୍ବରୁ ବାବୁସାନଙ୍କ ଅଭିନୀତ 'ଦମନ' ଓ 'ପାବାର' ଆଶାତୀତ ବ୍ୟବସାୟିକ ସଫଳତା ହାସଲ କରିଥିବା ବେଳେ 'ବୋଉ ବୁଟୁ ଭୂତ' ବ୍ଲକ୍ ବ୍ଲଷ୍ଟର ସାବ୍ୟସ୍ତ ହୋଇଛି। କେବଳ ସେତିକି ନୁହେଁ, 'ଯବାନ', 'କେଜିଏଫ୍' ଓ 'ବାହୁବଳୀ ୨' ସମେତ ଓଡ଼ିଶାରେ ଏହା ଅମିର ଖାନ୍‌ଙ୍କ ଅଭିନୀତ ହିନ୍ଦୀ ସିନେମା 'ସୀତାରେ ଜମିନ ପର'ର ଆୟକୁ ମଧ୍ୟ ପଛରେ ପକେଇ ଦେଇଛି। ଅନୁରୂପ ଭାବେ ରଜରେ ମୁକ୍ତିଲାଭ କରିଥିବା ଅନ୍ୟତମ ଚଳଚ୍ଚିତ୍ର 'ଅନନ୍ତା' ମଧ୍ୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଛି। ତେଣୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଇଁ ଏବେ ବେଶ ଶୁଭ ସମୟ ଆସିଯାଇଛି ବୋଲି କୁହାଯାଉଛି। କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ନୁହେଁ କଳାତ୍ମକ ଦୃଷ୍ଟିକୋଣରୁ ମଧ୍ୟ ଅନେକ ଛବି ବେଶ୍ ସଫଳ ସାବ୍ୟସ୍ତ ହୋଇଛି।







## ସରକାରୀ ପ୍ରୋତ୍ସାହନର ଅଭାବ

ଓଡ଼ିଆ ସିନେମା ଏବେ ତାର ଗୌରବମୟ ଅତୀତକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରଖିଛି। ମୁହଁ ଫେରାଇ ନେଇଥିବା ଦର୍ଶକ ପୁଣି ହଲ ମୁହାଁ ହେଲେଣି। ନିଶ୍ଚୟ ଫେରିବ ପୁରୁଣା ଦିନ, ଏ ବିଶ୍ୱାସ ରହିଛି ଚଳଚ୍ଚିତ୍ର ଶିଳ୍ପ ଉପରେ ନିର୍ଭର କରି ଚାଲୁଥିବା ୧୫୦୦ ପରିବାରର। ଏବେ ଖାଲି ଟିକିଏ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଚଳଚ୍ଚିତ୍ର ପଲିସି ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଉ। ତା' ସହିତ କଳିଙ୍ଗ ଷ୍ଟୁଡ଼ିଓ କାର୍ଯ୍ୟକ୍ଷମ କରାଯାଉ। ନିର୍ମାତା ନିର୍ଦ୍ଦେଶକଙ୍କୁ ଋଣ ସହ ସବସିଡି ମିଳୁ। ■

ବରିଷ୍ଠ ଚଳଚ୍ଚିତ୍ର ସମୀକ୍ଷକ, ମୋ: ୯ ୯୩୮ ୬୦୯୮ ୫୩

# ଓଡ଼ିଆ ସିନେମାର ଶୁଭଦିନ



ଓଡ଼ିଆ ସିନେମା ଆଜିକାଲି କିଏ ଦେଖୁଚି ? ଓଡ଼ିଆ ସିନେମା କ'ଣ ସତରେ ଚାଲୁଛି ? ଓଡ଼ିଆ ସିନେମା ପଡ଼ିଲେ ହଲ୍‌ରେ ମାଛି ଉଡ଼ୁଛନ୍ତି, ଓଡ଼ିଆ ସିନେମା ପ୍ରତି ଦର୍ଶକମାନଙ୍କ ଭିତରେ ଥିବା ଏପରି ଅନେକ ଧାରଣାକୁ ଭୁଲ୍ ପ୍ରମାଣିତ କରିଛି ଏଇ ରଜ । ସପ୍ତାହେ ପରେ ବି ସବୁ ଶୋ' ହାଉସ ଫୁଲ୍, ରାତି ବାରଟାରେ ଚାଲିଛି ଓଡ଼ିଆ ସିନେମା, ଟିକେଟ୍ ବ୍ଲାକ୍ ହେଉଛି, ଓଡ଼ିଆ ସିନେମା ଆଗରେ ଫେଲ୍ ମାରୁଛି ବଲିଉଡ୍‌ର ବଡ଼ ତାରକାଙ୍କ ବଡ଼ ସିନେମା, ରଜରେ ମୁକ୍ତିଲାଭ କରିଥିବା ଦୁଇଟି ସିନେମାର ସଫଳତା ଓ ଦର୍ଶକୀୟ ସମର୍ଥନକୁ ଦେଖି ଏମିତି ମନେ ହେଉଛି ଯେମିତି ଓଡ଼ିଆ ସିନେମାର ପଞ୍ଚମରେ ବୃହସ୍ପତି ଆରମ୍ଭ ହେବାକୁ ଯାଉଛି ।



ପ୍ରିୟବ୍ରତ ପଣ୍ଡା

## ଓଡ଼ିଆ ସିନେମାର ନୂତନ ସୂର୍ଯ୍ୟୋଦୟ

କୋଭିଡ୍ ସମୟରେ ଏମିତି ମନେ ହେଲା ଯେମିତି ବଡ଼ ପରଦାର ସମୟ ସରିଯିବ, ଓଟିଟି ହିଁ ପାଲଟିଯିବ ଏକମାତ୍ର ବିକଳ୍ପ, କିନ୍ତୁ ବିପର୍ଯ୍ୟୟ ପରେ ନୂତନ ସୂର୍ଯ୍ୟୋଦୟ ଭଳି କୋଭିଡ୍ ପରେ ଭାରତୀୟ ସିନେମା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା । ସିନେମା ରାଜ୍ୟ, ଭାଷାର ଆବଦ୍ଧ କ୍ଷେତ୍ରରୁ ବାହାରକୁ ଆସିଲା । ସିନେମା ତାରକା ସର୍ବସ୍ୱ ନହୋଇ କାହାଣୀ ସର୍ବସ୍ୱ ହେବାକୁ ଆରମ୍ଭ କଲା । ବଡ଼ ବଜେଟ୍ ବଡ଼ ସିନେମା ବଡ଼ ବ୍ୟବସାୟ ବି କଲା । ଅନେକ ସିନେମା ପ୍ରମାଣିତ କଲେ ଯେ କାହାଣୀ ହିଁ ସିନେମାର ମେରୁଦଣ୍ଡ ।

ଏଇ କିଛିଦିନ ଭିତରେ ବଲିଉଡ୍, ତେଲୁଗୁ, ତାମିଲ୍, ମାଲାୟଲମ, କନ୍ନଡ଼, ମରାଠୀ ସିନେମା ସଫଳତାର ନୂଆ ନୂଆ ଫର୍ଦ୍ଦ ଯୋଡୁଥିବା ବେଳେ ଆମ ଓଡ଼ିଆ ସିନେମା ଏବେ ବି ସଳଖ ହୋଇ ଠିଆ ହେବାକୁ ଚେଷ୍ଟା କରୁଛି । କୋଭିଡ୍ ପରେ ଡିଜିଟାଲ୍ ମିଡିଆର ବହୁଳ ବ୍ୟବହାର ଦ୍ୱାରା ଅନ୍ତତଃ ଗୋଟେ ଭଲ କଥା ଦେଖା ଯାଇଛି । ଆଗ ଭଳି ଆଉ ରିମେକ୍ ସିନେମା ନିର୍ମାଣ ହେଉ ନାହିଁ, ନିର୍ମାତାମାନେ ସଚେତନ ହେଇଛନ୍ତି, ମୌଳିକ କାହାଣୀ ଖୋଜିବା ଆରମ୍ଭ କରିଛନ୍ତି, ମୌଳିକ କାହାଣୀକୁ ନେଇ ପରଦାରେ ପରୀକ୍ଷାନିରୀକ୍ଷା କରିବାର ଚେଷ୍ଟା କରିଛନ୍ତି ।

ଆମର ଏଠି ଅନେକ ଅଭାବ ଅଛି, ପ୍ରେକ୍ଷାଳୟର ଅଭାବ, ସରକାରୀ ପ୍ରୋତ୍ସାହନର ଅଭାବ, ବୈଷୟିକ ଜ୍ଞାନ କୌଶଳର ଅଭାବ, ଏମିତି ଅନେକ ଅଭାବର ନିରାଶା ଭିତରେ ବି ଆମ ନିର୍ମାତାମାନେ ଆଶା ବାନ୍ଧିଛନ୍ତି । ବିଗତ କିଛି ବର୍ଷ ହେଲା ଭଲ ସିନେମା ନିର୍ମାଣର ପ୍ରୟାସ ଆରମ୍ଭ କରିଛନ୍ତି । ଆଜିର ବଡ଼ ସଫଳତା ବୋଧ ହୁଏ, ଏତେ ଦିନର ସେଇ ସେଇ ଛୋଟ ପ୍ରୟାସର ପରିଣାମ ।

## ରଜରେ ଓଡ଼ିଆ ସିନେମାର ରାଜ୍

ଓଡ଼ିଶାରେ ରଜରେ ଓଡ଼ିଆ ସିନେମା ରାଜ୍ କରେ । ବଡ଼ ପ୍ରତିଯୋଗିତା ହୁଏ ଗୋଟିଏ ଦୁଇଟି ନୁହଁ, ଏକା ସାଙ୍ଗରେ ଚାରୋଟି ସିନେମା ମୁକ୍ତିଲାଭ କରି । ଓଡ଼ିଆ ସିନେମାର ଅତୀତକୁ ଦେଖିଲେ ଏମିତି ଅନେକ ସିନେମା ଅଛି, ଯାହା ରଜରେ ମୁକ୍ତିଲାଭ କରି ଇତିହାସ ରଚିଛି । କିନ୍ତୁ ବିଗତ କିଛି ବର୍ଷରେ ରଜରେ ଓଡ଼ିଆ ସିନେମାର ଏମିତି ଚମକ ଦେଖିବାକୁ ମିଳିନଥିଲା, ଯାହା ଏଇ ରଜରେ ଦେଖିବାକୁ ମିଳୁଛି । ପ୍ରଥମ କଥା ଏକ ସାଙ୍ଗରେ ତିନି ଚାରୋଟି ସିନେମା ରିଲିଜ ନକରି ଦୁଇଟି ସିନେମା ନେଇ ପ୍ରେକ୍ଷାଳୟକୁ ଆସିବା ସବୁଠୁ ଭଲ ନିଷ୍ପତ୍ତି । ଦ୍ୱିତୀୟରେ ଉଭୟ ସିନେମା ଭିତରେ ଥିବା ମୌଳିକତା, ଚିରାଚରିତ ପ୍ରେମ ପ୍ରତିଶୋଧର କାହାଣୀରୁ ବାହାରି ନିର୍ମାତାମାନେ ଏଥର କିଛି ନୂଆ କରିଛନ୍ତି । ପ୍ରଥମଥର ବାବୁସାନ୍ ହରର ଡ୍ରାମା ନେଇ ଆସିଥିବା ବେଳେ ସବ୍ୟସାଚୀ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ କ୍ଲାସିକ୍ ଓଡ଼ିଆ ଗପ 'ରାଣ୍ଡୀ ପୁଅ ଅନନ୍ତା'କୁ ସିନେମାର ରୂପ ଦେଇଛନ୍ତି । ଯାହାକି ପ୍ରତି ବର୍ଗର ଦର୍ଶକଙ୍କୁ ଆକୃଷ୍ଟ କରିଛି । ତୃତୀୟରେ ଓଡ଼ିଆ ଦର୍ଶକଙ୍କୁ ଧନ୍ୟବାଦ କାହିଁକି ନା ସିନେମାର ଯେତେ ପ୍ରଚାର ପ୍ରସାର କଲେ ବି ଯେ ପର୍ଯ୍ୟନ୍ତ ଦର୍ଶକ ନିଜେ ସିନେମାର ପ୍ରଶଂସା ନକରିଛି ସେ ପର୍ଯ୍ୟନ୍ତ ସିନେମାକୁ ସଫଳତା ମିଳେ ନାହିଁ, ଯାହା ଏଥର ଘଟିଛି । ଅନେକ ଦିନ ପରେ ଓଡ଼ିଆ ସିନେମାକୁ ନାକ ଟେକୁଥିବା ଦର୍ଶକ ଓଡ଼ିଆ ସିନେମା ପାଇଁ ଓକିଲାତି କରୁଛି । ଓଡ଼ିଆ ସିନେମାରୁ ମୁହଁ ଫେରାଇ ନେଇଥିବା ଦର୍ଶକ ପୁଣି ଫେରିଛନ୍ତି ଏବେ ସେମାନଙ୍କୁ ବାନ୍ଧି ରଖିବାର ଦାୟିତ୍ୱ ନିର୍ମାତାମାନଙ୍କର ।

ଏଇ ରଜରେ ଆଉ ଗୋଟେ ଭଲ କଥା ଦେଖିବାକୁ ମିଳିଛି । ସବୁଥର ଭଳି ଏଥର ରଜରେ ଆଗ ଧାଡ଼ିର ନିର୍ଦ୍ଦେଶକଙ୍କ ସିନେମା ପରଦାକୁ ଆସିନାହିଁ, ବରଂ ଏଥର ରଜରେ ନବୀନ ଓ ପ୍ରବୀଣଙ୍କ ଯୁଗଳବନ୍ଦୀ ଦେଖିବାକୁ ମିଳିଛି । ଗୋଟେ ପଟେ ନବୀନ ଯୁବ ନିର୍ଦ୍ଦେଶକ ଜଗଦୀଶ

ମିଶ୍ର ଆଉ ଆରପଟେ ପ୍ରବୀଣ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର । କାହାଣୀ ଚୟନରୁ ନେଇ ନିର୍ଦ୍ଦେଶନାରେ ଉଭୟ ଉଭୟଙ୍କ ଗରିମାକୁ ବଜାୟ ରଖିଛନ୍ତି । ଆଉ ଗୋଟେ ବଡ଼ କଥା ଉଭୟ ସିନେମାରେ ନାୟକ ନାୟିକା ଅପେକ୍ଷା ଚର୍ଚ୍ଚାରେ ରହିଛନ୍ତି ମାଆ । 'ବୋଉ ବୁଟୁ ଭୂତ'ରେ ଅପରାଜିତା ଆଉ 'ଅନନ୍ତା'ରେ ଜ୍ୟୋତିର୍ମୟୀ ପଣ୍ଡା ପ୍ରତିଟି ଦର୍ଶକଙ୍କ ମୁହଁରେ ଏବେ ସେମାନଙ୍କର ପ୍ରଶଂସା । ବେଳେ ବେଳେ ଖରାପ ସମୟ ବି ବଡ଼ ପରିବର୍ତ୍ତନ ପାଇଁ ସାହସ ଦେଇଥାଏ, ଯାହାକି ଏଥର ରଜରେ ଦେଖାଯାଇଛି । ରଜରେ ରିସ୍କ ନେବାକୁ ସବୁବେଳେ ନିର୍ମାତାମାନେ ଡରନ୍ତି । ସେଥିପାଇଁ ଫର୍ମୁଲା ସିନେମା ଉପରେ ଭରସା କରନ୍ତି । ରିମେକ୍ ସିନେମାକୁ ପ୍ରାଧାନ୍ୟ ଦିଅନ୍ତି । କାହାଣୀ ଅପେକ୍ଷା ତାରକାଙ୍କୁ ଗୁରୁତ୍ୱ ଦିଅନ୍ତି, କିନ୍ତୁ ଏଥର ଉଭୟ ନିର୍ମାତା ରିସ୍କ୍ ନେଇଛନ୍ତି ଆଉ ପ୍ରମାଣିତ ବି କରିଛନ୍ତି 'ଡର କେ ଆଗେ ଜିତ୍ ହେ' ।






# ମୁକ୍ତିଲାଭ ଅପେକ୍ଷାରେ ଚର୍ଚ୍ଚିତ ଚଳଚ୍ଚିତ୍ର

ଡହ ଡହ ଖରା ଭିତରେ ଯେମିତି କାଳ ବୈଶାଖୀର ଅନୁଭବ ଗତ ଦଶହରା ଆଉ ଏଇ ରଜରେ ଓଡ଼ିଆ ସିନେମାର ସଫଳତା ଓଡ଼ିଆ ସିନେମା ନିର୍ମାତା ଆଉ ଶିଳ୍ପକୁ ଠିକ୍ ସେମିତି ଅନୁଭବ ଦେଇଛି । ଏହା କେବଳ ଅଦିନିଆ କାଳ ବୈଶାଖୀ ହୋଇ ନରହୁ ବରଂ ମୌସୁମୀ ହୋଇ ଆସୁ। ତେବେ ଆଗକୁ ପ୍ରସ୍ତୁତି ଏବଂ ମୁକ୍ତିଲାଭ ଅପେକ୍ଷାରେ ଥିବା ସିନେମାର ତାଲିକା ଦେଖିଲେ ଏପରି ମନେ ହେଉଛି, ଯେମିତି ଏ କାଳ ବୈଶାଖୀ ପରେ ଗୋଟେ ଭଲ ମୌସୁମୀର ଋତୁ ଆସିବାକୁ ଯାଉଛି । ଅନେକ ବର୍ଷ ପରେ ପୁଣି ଥରେ ଜଗନ୍ନାଥଙ୍କ କାହାଣୀ ପରଦାକୁ ଆସୁଛି, ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ କରିଥିବା ସବ୍ୟସାଚୀ ମହାପାତ୍ରଙ୍କ 'ଶ୍ରୀଜଗନ୍ନାଥ' ପରେ ଏଇ ରଥଯାତ୍ରାରେ ପରଦାକୁ ଆସୁଛି 'ଶ୍ରୀଜଗନ୍ନାଥଙ୍କ ନବକଳେବର' । ଶଙ୍କର ତ୍ରିପଠୀଙ୍କ ରଚନା ତଥା ସୌଭାଗ୍ୟଲକ୍ଷ୍ମୀ ଜେନାଙ୍କ ନିର୍ଦ୍ଦେଶନାରେ ଏହି ସିନେମାଟି ଏଇ ବାହୁଡ଼ାରେ ମୁକ୍ତିଲାଭ କରିବାକୁ ଯାଉଛି । ଏଥି ସହିତ ମୁକ୍ତିଲାଭ ଅପେକ୍ଷାରେ ଅଛି ଖାଣ୍ଟି ଓଡ଼ିଆ କାହାଣୀ ତଥା ଉପନ୍ୟାସକୁ ନେଇ ନିର୍ମିତ ସିନେମା, ରାସେଶ ମହାନ୍ତିଙ୍କ 'ଦେବକନ୍ୟା', ସୁଧାଂଶୁ ସାହୁଙ୍କ 'ଗଣ୍ଡଭୈରବ' । ଜଣେ ମଞ୍ଚ ନାୟିକା ଜୀବନଯାତ୍ରାର କାହାଣୀକୁ ନେଇ ନିର୍ମାଣ ହେବାକୁ ଯାଉଛି 'ନାୟିକା', ଯାହାକୁ ଶଙ୍କର ତ୍ରିପାଠୀ ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ ଏବଂ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ମହେଶ୍ୱତା ରାୟ। ଓଡ଼ିଆ ଜାତିର କର୍ଣ୍ଣଧାର ଓଡ଼ିଆ ମାଟିର ବରପୁତ୍ରଙ୍କ ଜୀବନୀକୁ ନେଇ ନିର୍ମାଣ ହେବାକୁ ଯାଉଛି 'ମଧୁ ବାରିଷ୍ଟର', ଯାହାର ପ୍ରଯୋଜକ ରମେଶ ବାରିକ ରହିଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ ଏବଂ ଏହାକୁ ଲେଖୁଛନ୍ତି ପ୍ରିୟବ୍ରତ ପଣ୍ଡା ।

ଆଗାମୀ ଦିନରେ ମୁକ୍ତିଲାଭ କରିବାକୁ ଯାଉଥିବା ଓଡ଼ିଆ ସିନେମାର ତାଲିକା ବହୁତ ଲମ୍ବା, ସେମାନଙ୍କ ଭିତରେ ରହିଛି ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଅନୁଭବଙ୍କ ଅଭିନୀତ 'ଚାରିଧାମ', ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଲିଭରିବୟ୨', ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ଉଦାହରଣ', ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ଛି ଛିରେ ନନୀ', ଅଶୋକ ପତିଙ୍କ 'ଲଢ଼େଇ', ଆକାଶଦାସ ନାୟକଙ୍କ 'ଜୟ ହିନ୍ଦ୍' ଆଦି ସିନେମା ଅନ୍ୟତମ । ଆଶା ଓ ବିଶ୍ୱାସ ଏ ଭିତରୁ ଅନେକ ସିନେମା ଦର୍ଶକଙ୍କ ହୃଦୟ ଜିତିବ । ଓଡ଼ିଆ ସିନେମାରେ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିବା ଖାଲି ରଜ କି ଦଶହରା ଭଳି ଉତ୍ସବରେ ଓଡ଼ିଆ ସିନେମା ଚାଲିବନି, ବରଂ ଯେବେ ଓଡ଼ିଆ ସିନେମା ପରଦାକୁ ଆସିବ, ସେବେ ଉତ୍ସବ ପାଳନ ହେବ । ଆଜି ଯାଏ ଆମେ ଦର୍ଶକଙ୍କୁ ଦାୟୀ କରିଥିଲେ ଯେ, ଦର୍ଶକ ଓଡ଼ିଆ ସିନେମା ଦେଖୁନାହାନ୍ତି । କିନ୍ତୁ ଆଜି ଓଡ଼ିଆ ଦର୍ଶକ ପ୍ରମାଣିତ କରିଛନ୍ତି, ଯଦି ସିନେମା ଭଲ ହୁଏ ତାହାଲେ ନିଜ ସିନେମାକୁ ଭଲ ପାଇବା ଅଜାଡ଼ି ଦେବାରେ ସେମାନେ ଜମାରୁ କୁଣ୍ଠା କରିବେନି । ଏଇ ସଫଳତାର ପୁନରାବୃତ୍ତି ହେଉ, ସିନେମା ପରି ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ପରଦାରେ ଆଗାମୀ ପିଢ଼ିକୁ ଓଡ଼ିଆ ଇତିହାସ ଓ ଉପନ୍ୟାସର ଗୌରବମୟ କାହାଣୀ କହୁ । ଗାଳି ବହୁତ୍ ହେଲା, ଏଥର ଅନ୍ତତଃ ଓଡ଼ିଆ ସିନେମା ପାଇଁ ତାଳିଟେ ହଉ । ■

ମୋ: ୯୮୫୩୧୯୪୬୦୦


ଦେବକନ୍ୟା



ଗଣ୍ଡଭୈରବ


ନାୟିକା


ଶ୍ରୀଜଗନ୍ନାଥଙ୍କ ନବକଳେବର


ଲଢ଼େଇ






ସତ୍ୟବ୍ରତ ପାଣିଗ୍ରାହୀ

ଓଡ଼ିଆ ଚଳଚ୍ଚିତ୍ର

# ସଫଳତା ଏବଂ ଲୋକପ୍ରିୟତା

**କିଛି ବର୍ଷର ବ୍ୟବଧାନ ପରେ ଓଡ଼ିଆ ସିନେମା ଏବେ ମୁଖ୍ୟସ୍ରୋତକୁ ଫେରିଲାଣି । କିଛି ଭଲ ସିନେମା ଲୋକଙ୍କ ହୃଦୟ ଜିତିପାରିଛି, ଆଉ କିଛି ବ୍ୟାବସାୟିକ ସଫଳତା ମଧ୍ୟ ହାସଲ କରିଛି । ଏହି ସଫଳତା ପଛରେ ମୁଖ୍ୟତଃ ରହିଛି ମୌଳିକ କାହାଣୀ, ଚମତ୍କାର ନିର୍ଦ୍ଦେଶନା, ଅଭିନୟର ଯାଦୁ ଏବଂ ସିନେମାଟୋଗ୍ରାଫି । ଭିନ୍ନ ସ୍ୱାଦର କାହାଣୀ ନେଇ ଚଳିତ ବର୍ଷ ଅନେକ ସିନେମା ରିଲିଜ୍ ହୋଇଛି ଏବଂ ଦର୍ଶକ ମଧ୍ୟ ହଲକୁ ଫେରିଛନ୍ତି । ନିକଟରେ ରିଲିଜ୍ ହୋଇଥିବା ଏବଂ ଆଗକୁ ମୁକ୍ତିଲାଭ ହେବାକୁ ଥିବା ସେଭଳି କିଛି ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ ଏକ ସ୍ୱତନ୍ତ୍ର ପ୍ରତିବେଦନ ।**

## 'ବୋଉ ବୁଟୁ ଭୂତ'ର ରେକର୍ଡ


କେଉଁ ଏକ ଅଜଣା କାଳରୁ ମଣିଷ ମନରେ ଭୂତ ବସା ବାନ୍ଧିଛି । ମୁଖ୍ୟତଃ ବିଜ୍ଞାନ ଏସବୁକୁ ଅନ୍ଧବିଶ୍ୱାସ ବୋଲି ଆଖ୍ୟା ଦିଏ, ଆଉ ବେଳେବେଳେ ସିନେମା ମାଧ୍ୟମରେ ସଚେତନତା ବାର୍ତ୍ତା ବି ଦିଆଯାଏ । କିନ୍ତୁ ସିନେମା ସବୁବେଳେ ବୈଜ୍ଞାନିକ ସତ୍ୟତାକୁ ପରଦାରେ ଦେଖାଇବା ପାଇଁ ବାଧ୍ୟ ନୁହେଁ । ଭୂତ ସତ ହେଉ କି ମିଛ, କିନ୍ତୁ ଇଏ ମଣିଷର ଏକ ଆଦିମ ଭୟ । ଆଉ ସେଇ ଭୟକୁ କାହାଣୀର ରୂପ ଦେଇ ମନୋରଞ୍ଜନ ଧର୍ମୀ ସିନେମା କରିବାରେ କୌଣସି ଆପତ୍ତି ନ ଥାଏ । ଯାହାର ଆଉ ଏକ ସଫଳ ପ୍ରୟାସ ନିକଟରେ ରିଲିଜ୍ ହୋଇଥିବା 'ବୋଉ ବୁଟୁ ଭୂତ' । ବାବୁସାନ ମହାନ୍ତି, ଅର୍ଚ୍ଚିତା ଏବଂ ଅପରାଜିତାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରରେ ରହିଛି ହାସ୍ୟରସ ଏବଂ ରୋମାଞ୍ଚ । ସିନେମାର କାହାଣୀଟି ଆରମ୍ଭ ହୋଇଛି ଏକ ଅଖ୍ୟାତ ପଲ୍ଲୀରେ । କାହାଣୀଟି ଗତିଶୀଳ ହୋଇଛି ତିନୋଟି ଚରିତ୍ରକୁ ନେଇ - ମନ୍ତ୍ର ବଳରେ ଭୂତ ଛଡ଼ାଇ ପେଟ ପୋଷୁଥିବା ଜଣେ ମାଆ (ବୋଉ), ରୋଜଗାର ପାଇଁ ପରଦେଶ ଯିବାକୁ ପ୍ରସ୍ତୁତ ହେଉଥିବା ପୁଅ (ବୁଟୁ), ଆଉ ବୋଉ ବୁଟୁଙ୍କ ଜୀବନରେ ପଶି ଆସିଛି ଅଜଣା ଦୁନିଆର ଭୂତ । ଚଳଚ୍ଚିତ୍ରର ନାମକରଣ ଭଳି ଚରିତ୍ରଗୁଡ଼ିକୁ ମଧ୍ୟ ସମାନ କ୍ରମରେ ଉପସ୍ଥାପନ କରାଯାଇଛି, ଯାହା ଓଡ଼ିଆ ସିନେମାରେ ଏକ ନିଆରା ପ୍ରୟାସ । ବୁଟୁକୁ ବଞ୍ଚାଇବା ପାଇଁ ବୋଉ ଅଶରୀରୀର ଆତ୍ମା ସହ ମଧ୍ୟ ଲଢ଼େଇ କରିଛି । ଭୟର ପରିବେଶ ତିଆରି କରୁଥିବା ସିନେମା ଭିତରେ କମେଡିର ଛୁଙ୍କ ବି ଦିଆଯାଇଛି । ଏକ ବିଚିତ୍ର ବିରୋଧାଭାସ, ଡରାଇବା ସହ ହସାଇବା - ଏଇ ଉଦ୍ଦେଶ୍ୟର ସଫଳ ରୂପାୟନ କରିବାର ଚେଷ୍ଟା ହୋଇଛି ଏଥିରେ । ସେଥିପାଇଁ ସିନେମାଟି ଲୋକଙ୍କ ଦ୍ୱାରା ଆଦୃତ ହୋଇଛି, ଯାହା ଏହାର ବ୍ୟାବସାୟିକ ସଫଳତାରୁ ପ୍ରମାଣିତ । ରିଲିଜ୍ ହେବାର ସପ୍ତାହେ ଭିତରେ 'ବୋଉ ବୁଟୁ ଭୂତ' ୭ କୋଟି ଆୟ କରି କର୍ମ ସିନେମାର ରେକର୍ଡ ଭାଙ୍ଗିଛି । ସିନେମାର ଏକ ଦୃଶ୍ୟରେ 'କରଞ୍ଜିଆ'ର ଉଲ୍ଲେଖ ଅଛି । ଯାହା ସାହିତ୍ୟପ୍ରେମୀଙ୍କୁ ମନେ ପକାଇ ଦେବ ପ୍ରଖ୍ୟାତ ଲେଖକ ଶାନ୍ତନୁ ଆଚାର୍ଯ୍ୟଙ୍କ ନିଜସ୍ୱ ଅଭିଜ୍ଞତା ଆଧାରିତ 'କରଞ୍ଜିଆ ଡାଏରୀ'ରେ ଥିବା ଅଲୌକିକ ଘଟଣାଗୁଡ଼ିକକୁ, ଠିକ୍ 'ବୋଉ ବୁଟୁ ଭୂତ' ସିନେମା ଭଳି । ସିନେମା ସଫଳ ହେବା ପାଇଁ ଯେ କେବଳ ଆକ୍ସନ ଏବଂ ରୋମାନ୍ସ ଜରୁରି, 'ବୋଉ ବୁଟୁ ଭୂତ' ସିନେମା ଦେଖିବା ପରେ ସେକଥା ଆଉ ଯୁକ୍ତିଯୁକ୍ତ ମନେ ହେଉ ନାହିଁ । ବଲିଉଡ୍‌ରେ 'ସ୍ତ୍ରୀ ୨', 'ଭେଡିଆ', 'ମୁଞ୍ଜ୍ୟା' ଭଳି ହରର୍ କମେଡି ସିନେମାର ସଫଳତା ପରେ ଓଡ଼ିଆରେ ମଧ୍ୟ ଏହି ଧରଣର ଚଳଚ୍ଚିତ୍ର ଆରମ୍ଭ ହୋଇଛି । ଓଡ଼ିଆ ଭାଷାରେ ଖୁବ କମ୍ ଭୂତ ସିନେମା ତିଆରି ହୋଇଛି । ସେ ଭିତରୁ 'କଣ୍ଢେଇ ଆଖିରେ ଲୁହ'କୁ ଛାଡ଼ି ଦେଲେ ଅନ୍ୟ କୌଣସି ହରର୍ ସିନେମା ସେଭଳି ଲୋକପ୍ରିୟତା ସାଉଁଟିନି, କି ବ୍ୟବସାୟ ବି କରିନାହିଁ । ଏହା ବ୍ୟତୀତ ଗତ ଦୁଇ ଦଶନ୍ଧି ଧରି ଓଡ଼ିଶାରେ ପ୍ରେମ କାହାଣୀ, ସାମାଜିକ ବାସ୍ତବତା ଓ ଆକ୍ସନ ଆଧାରିତ ସିନେମାର ବହୁଳତା ରହିଆସିଛି । କିନ୍ତୁ ସେହି ଧାରାରେ ଏବେ ବ୍ରେକ୍ ଲଗାଇଛି ହରର୍ କମେଡି ସିନେମା 'ବୋଉ ବୁଟୁ ଭୂତ' । ପୂର୍ବରୁ ଦମନ ଚଳଚ୍ଚିତ୍ରରେ ବାବୁସାନଙ୍କ ଚରିତ୍ର ଅଭିନୟକୁ ବେଶ୍ ପ୍ରଶଂସା ମିଳିଥିଲା । ଏଥର କିନ୍ତୁ ଭୂତ କାହାଣୀକୁ ନେଇ ନୂଆ ରୂପରେ ବାବୁସାନ ଓ ମୁଖ୍ୟ ନାୟିକା ଭୂମିକାରେ ଅର୍ଚ୍ଚିତାଙ୍କୁ ଦେଖିବାକୁ ମିଳିଛି । ସିନେମାର ପ୍ରଚ୍ଛଦ ମ୍ୟୁଜିକ୍ ବି ଖୁବ ଆକର୍ଷଣୀୟ, ବିଶେଷ କରି ରତ୍ନମାଳା ଚରିତ୍ରରେ ଅଭିନୟ କରିଥିବା ଅପରାଜିତାଙ୍କ ଏଣ୍ଟ୍ରିରେ ଦର୍ଶକଙ୍କ କରତାଳିରେ କମ୍ପିଥିଲା ସିନେମା ହଲ୍ । ସିନେମାରେ ସମସ୍ତେ ନିଖୁଣ ଅଭିନୟ କରିଛନ୍ତି । ଅନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଉଦିତ ଗୁରୁ, ବଣ୍ଟି, ରବି ମିଶ୍ର, କ୍ରିଷ୍ଣା କର, ଜଗନ୍ନାଥ ସେଠ । ମହମ୍ମଦ ଇମ୍ରାନଙ୍କ ଲିଖିତ ଏବଂ ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ମୌଳିକ କାହାଣୀ, ସଂଳାପ, ଅଭିନୟ, ସଙ୍ଗୀତ ସବୁକିଛି ହଲ୍‌ରେ ବସିଥିବା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।



### ବାବୁସାନଙ୍କ ସଙ୍ଗୀତର ଯାଦୁ

ସବୁଥର ଭଳି ପ୍ରତ୍ୟେକ ସିନେମାରେ ବାବୁସାନ କେବଳ ନିଜ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖି ନାହାନ୍ତି, ବରଂ କଣ୍ଠ ସ୍ୱରରେ ମଧ୍ୟ ସମସ୍ତଙ୍କୁ ବିମୋହିତ କରିଛନ୍ତି । 'ଚକୋଲେଟ୍', 'ଲଭ୍ ଷ୍ଟେସନ', 'ଦମନ', 'ପାୱାର', 'ମାଲ୍ୟଗିରି' ପରେ ଏବେ 'ବୋଉ ବୁଟୁ ଭୂତ'ରେ ମଧ୍ୟ ବାବୁସାନଙ୍କ ସଙ୍ଗୀତର ଯାଦୁ ଦେଖିବାକୁ ମିଳିଛି । ପେସାଦାର ଗାୟକଙ୍କ ଭଳି ତାଙ୍କ ଗୀତ ପ୍ରଭାବିତ କରିପାରିଛି ।





## ସାହିତ୍ୟ ଅବଲମ୍ବନରେ 'ଅନନ୍ତା'

ସାହିତ୍ୟର ଚିତ୍ରାୟନ ହେଉଛି ସିନେମା । ଇଏ କେବଳ ସାହିତ୍ୟରୁ ସିନେମାର ରୂପାନ୍ତରଣ ନୁହେଁ, ବରଂ ପାଠକରୁ ଦର୍ଶକରେ ପରିଣତ ହେବାର ଗୋଟେ ପ୍ରକ୍ରିୟା । ପୂର୍ବରୁ ଓଡ଼ିଆ ଭାଷାରେ ସାହିତ୍ୟରୁ ସିନେମାର ରୂପାୟନର ଅନେକ ଦୃଷ୍ଟାନ୍ତ ରହିଛି । ଓଡ଼ିଆ ଗଳ୍ପ, ଉପନ୍ୟାସ ଆଧାରିତ ଅନେକ ସିନେମା ଲୋକାଦୃତ ହୋଇଛି, ବ୍ୟବସାୟିକ ସଫଳତା ମଧ୍ୟ ହାସଲ କରିଛି । ସେହିକ୍ରମରେ ଚଳିତ ବର୍ଷ ରିଲିଜ୍ ହୋଇଛି ବହୁ ପ୍ରତୀକ୍ଷିତ ସିନେମା 'ଅନନ୍ତା' । ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା' କାହାଣୀ ଅବଲମ୍ବନରେ ଏହି ସିନେମା ପ୍ରସ୍ତୁତ ହୋଇଛି । ଊନବିଂଶ ଶତାବ୍ଦୀରେ ରଚିତ କାହାଣୀ ଆଧାରିତ ହୋଇଥିବାରୁ, 'ଅନନ୍ତା' ଚଳଚ୍ଚିତ୍ରରେ ତତ୍କାଳୀନ ସମାଜର ଗ୍ରାମ୍ୟ ପରିବେଶ, ସାମାଜିକ ବ୍ୟବସ୍ଥା, ବେଶଭୂଷା, ପରମ୍ପରା, ଭାଷା ବୋଲିକୁ ଚିତ୍ରଣ କରାଯାଇଛି । ଯାହା ବର୍ତ୍ତମାନ ସମୟର ଯୁବପିଢ଼ିଙ୍କୁ ସମୟ ସ୍ରୋତରେ ଟିକେ ପଛକୁ ନେଇଯିବ ସ୍ୱାଧୀନତା ପୂର୍ବବର୍ତ୍ତୀ କାଳଖଣ୍ଡର ଗ୍ରାମୀଣ ଓଡ଼ିଶାକୁ । ଏଥିରେ ମୁଖ୍ୟ ଚରିତ୍ର ଅନନ୍ତା ଭୂମିକାରେ ଅଭିନୟ କରିଛନ୍ତି ସବ୍ୟସାଚୀ । ଏହି ଚରିତ୍ରକୁ ଯଥାର୍ଥ କରିବା ପାଇଁ ଅଭିନେତା ସବ୍ୟସାଚୀ ନିଜ ଶରୀରକୁ ନେଇ ଅନେକ ପରିଶ୍ରମ କରିଛନ୍ତି, ଯାହା ନିଶ୍ଚିତ ରୂପେ ପ୍ରଶଂସନୀୟ । ଅନ୍ୟାନ୍ୟ ଚରିତ୍ରରେ ସୁନ୍ଦର ଅଭିନୟ କରିଛନ୍ତି ସୂର୍ଯ୍ୟମୟୀ, କୁନା ତ୍ରିପାଠୀ, ତାପସ ସରଘରିଆ, ଜ୍ୟୋତିର୍ମୟୀ ପଣ୍ଡା । ତେବେ ନିର୍ମାଣଶୈଳୀ ଦୃଷ୍ଟିରୁ ସିନେମାଟିକୁ ଆହୁରି ଆକର୍ଷଣୀୟ କରାଯାଇପାରିଥାନ୍ତା । ତଥାପି ରିଲିଜ୍ ହେବା ପୂର୍ବରୁ ହିଁ ବିତର୍କ, ବିବାଦ ଭିତରେ ଚର୍ଚ୍ଚାରେ ଥିବା ଅନନ୍ତା ଚଳଚ୍ଚିତ୍ର ସିନେ ପରଦାକୁ ଆସିବା ପରେ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି । ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାର ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ । ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅନନ୍ତା କାହାଣୀକୁ ନେଇ ଡିଡି ଓଡ଼ିଆରେ ମଧ୍ୟ ଏକ ଟେଲିଫିଲ୍ମ ପ୍ରଦର୍ଶିତ ହୋଇଥିଲା ।

## ବୁଣାକାରଙ୍କୁ ସମର୍ପିତ ସିନେମା 'ମେହେରମୁଣ୍ଡା'




ସମୃଦ୍ଧ ହସ୍ତତନ୍ତ କଳାର ରାଜ୍ୟ ଓଡ଼ିଶା । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାରମ୍ପରିକ ବୁଣାକାର ଏହି କଳାକୁ ବଞ୍ଚାଇ ରଖିଛନ୍ତି । ସେମାନଙ୍କ ଜୀବନ ଓ ସଂଘର୍ଷର କାହାଣୀକୁ ନେଇ ଆସୁଛି ସିନେମା 'ମେହେରମୁଣ୍ଡା' । ଲୁଗା ବୁଣିବା କେବଳ ବୁଣାକାର ପାଇଁ ଗୋଟିଏ ପେସା ନୁହେଁ, ବରଂ ଏହା ସେମାନଙ୍କ ପରିଚୟ । ଏଭଳି ଏକ ମୌଳିକ କାହାଣୀକୁ ସିନେମା ତିଆରି କରିଛନ୍ତି ନିର୍ଦ୍ଦେଶକ ନିକୁଞ୍ଜ ହୋତା । ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି ଜ୍ୟୋତି ଏବଂ ଅଙ୍କିତା ।

## ଓଡ଼ିଆ ଭାଷାରେ ବାୟୋପିକ୍ ସିନେମା

**ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ ତାରିଖରେ ରିଲିଜ୍ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ପାଦେ ଆକାଶ' । ବିଶିଷ୍ଟ ସମାଜସେବୀ ଶ୍ରୁତି ମହାପାତ୍ରଙ୍କ ଜୀବନୀ ଆଧାରିତ ଏହି ସିନେମାରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅର୍ଚ୍ଚିତା ଏବଂ ଅଙ୍କିତ କୁମାର । ଓଡ଼ିଆରେ ଏଭଳି ବାୟୋପିକ ନିର୍ମାଣ ବାସ୍ତବିକ ପ୍ରଶଂସନୀୟ । ଚଳଚ୍ଚିତ୍ରରେ ନାୟିକା ଦୁର୍ଘଟଣାର ଶିକାର ହୋଇ ପକ୍ଷାଘାତରେ ଆକ୍ରାନ୍ତ ହୁଅନ୍ତି । ତଥାପି ସେ ସବୁ ସଂଘର୍ଷକୁ ସାମ୍ନା କରି ଦୃଢ଼ ମନୋବଳ ସହ ଆଗକୁ ବଢ଼ିଛନ୍ତି । ଅନ୍ୟାନ୍ୟ ଭୂମିକାରେ ବଲିଉଡ ଅଭିନେତା ରାଜେଶ ଜୈସ, ହର ରଥ, ମୋହନ ମାଝିଥିଆ ପ୍ରମୁଖ ଅଭିନୟ କରିଛନ୍ତି । ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ଏହି ସିନେମାର ସଂଳାପ ଲେଖିଛନ୍ତି ଭରଦ୍ୱାଜ ପଣ୍ଡା ।**




## ପରଦାରେ ନବକଳେବର

କଥାରେ ଅଛି, 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ ।' ଜନ୍ମ ମୃତ୍ୟୁ ଚକ୍ର ସଂସାରର ଶାଶ୍ୱତ ନିୟମ । ମହାପ୍ରଭୁ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି । ତେଣୁ ମଣିଷକୁ ଏହି ସତ୍ୟର ଉପଲବ୍ଧି କରାଇବା ପାଇଁ ନିଜେ ଦେହ ତ୍ୟାଗ କରି ନବକଳେବର ହୁଅନ୍ତି । ନବକଳେବର ପ୍ରଥାର ଆରମ୍ଭ, ଘଟ ପରିବର୍ତ୍ତନ ଭଳି ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ପୁରୀ ଗଜପତି ମହାରାଜାଙ୍କ ସହ ଜଡ଼ିତ ବିଷୟବସ୍ତୁକୁ ନେଇ ଏକ ଐତିହାସିକ ସିନେମା ତିଆରି ହୋଇଛି । ଏଭଳି ଏକ ଭକ୍ତି ଭାବାବେଗ ଭରା ଐତିହାସିକ କାହାଣୀକୁ ନେଇ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଜଗନ୍ନାଥଙ୍କ ନବକଳେବର' । ଏହି ସିନେମାରେ ମୁଖ୍ୟ ଭୂମିକାରେ ଅଛନ୍ତି ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ, ପିଙ୍କି, ଜ୍ୟୋତି, ଶିବାନୀ ଏବଂ ସୂର୍ଯ୍ୟମୟୀଙ୍କ ସମେତ ଅନେକ ଦକ୍ଷ କଳାକାର ।




## ସାତୋଟି ଗଳ୍ପକୁ ନେଇ 'ଇନ୍ଦ୍ରଧନୁ'

ଇନ୍ଦ୍ରଧନୁର ସାତରଙ୍ଗ ଭଳି ସିନେମାରେ ରହିଛି ସାତୋଟି ଗଳ୍ପ । ସମସାମୟିକ ଗାଳ୍ପିକମାନଙ୍କ ସାତୋଟି ଗପକୁ ରୂପେଲି ପରଦାରେ ଚିତ୍ରଣ କରୁଛନ୍ତି ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ । ଜୁଲାଇ ୧୮ ତାରିଖରେ ରିଲିଜ୍ ହେବାକୁ ଥିବା 'ଇନ୍ଦ୍ରଧନୁ' ସିନେମାର କିଛି ଝଲକ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି, ଯେଉଁଥିରେ ସିନେମାର ସଂଳାପ ଏବଂ ଗୀତ ଅତି ସୁନ୍ଦର ହୋଇଛି । କବି ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ ପରିକଳ୍ପିତ ଏହି ଚଳଚ୍ଚିତ୍ରରେ ଗୀତ ଲେଖିଛନ୍ତି ଦେବଦାସ ଛୋଟରାୟ । ବିଭିନ୍ନ ଚରିତ୍ରରେ ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ, ଭାସ୍ୱତୀ ବସୁ, ଅଭିଷେକ ଗିରି, ଶକ୍ତି ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି । ■




ଗୁଣୁପୁର, ରାୟଗଡ଼ା
ମୋ: ୬୩୭୧୬୮୪୬୯୯




## ସିନେମାରେ ମହାବାତ୍ୟାର ବିଭୀଷିକା

୧୯୯୯ ମସିହାରେ ଘଟିଥିବା ମହାବାତ୍ୟାର ପ୍ରଭାବକୁ ନେଇ ତିଆରି ହୋଇଛି ସିନେମା '୧୯୯୯ - ଏକ ସଂଗୁପ୍ତ କାହାଣୀ ।' ଓଡ଼ିଶାର ଉପକୂଳବର୍ତ୍ତୀ ଏକ ଗ୍ରାମ ରାଜଗନଗରରେ ମହାବାତ୍ୟା ପରର ବିଭୀଷିକାକୁ ପରଦାରେ ରୂପ ଦିଆଯାଇଛି । କିନ୍ତୁ କାହାଣୀଟି ଗତିଶୀଳ ହୋଇଛି ଏକ ଦ୍ୱନ୍ଦ୍ୱ ଭିତରେ । ସିନେମାର ଚିତ୍ରନାଟ୍ୟ, ନୃତ୍ୟ ସଂଯୋଜନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଅମିର୍ ପତି ।

# ଫେରିବ ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ!



ଶ୍ୟାମା ପ୍ରସାଦ ମିଶ୍ର

**୧୯୩୬ ମସିହା ଏପ୍ରିଲ ୨୮ ତାରିଖରେ ଓଡ଼ିଆ ସିନେମାର ଜନକ ମୋହନ ସୁନ୍ଦର ଦେବ ଗୋସ୍ୱାମୀ 'ସୀତା ବିବାହ' ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ବହୁ ଘାତ ପ୍ରତିଘାତ ଭିତରେ 'କାଳୀ ଫିଲ୍ମସ୍' ଆନୁକୂଲ୍ୟରେ 'ସୀତା ବିବାହ' ପୁରୀ ଲକ୍ଷ୍ମୀ ଟକିଜରେ ମୁକ୍ତିଲାଭ କରିଥିଲା । ଓଡ଼ିଆ ସିନେମା ସୁବର୍ଣ୍ଣ ଯୁଗ ଦେଖିଛି । ପୂର୍ବରୁ ଓଡ଼ିଆ ସିନେମାରେ ଯେପରି କପି ପେଷ୍ଟ ହେଉଥିବାର ଅଭିଯୋଗ ହେଉଥିଲା, ସେହି ଅଭିଯୋଗ ପ୍ରାୟ ଆଉ ନାହିଁ କହିଲେ ଚଳେ ।**







## ମୌଳିକ ସିନେମାର ଧାରା

୨୦୨୨ ପରଠାରୁ ମୌଳିକ ସିନେମାର ଧାରା କ୍ରମାଗତ ଭାବେ ଆରମ୍ଭ ହୋଇଛି । 'ଦମନ', 'ପୁଷ୍କରା', 'ପ୍ରତୀକ୍ଷା', 'ବିଦ୍ୟାରାଣ', 'କିସ୍‌ମିସ', 'ପ୍ରେମ', 'ଦୃଷ୍ଟିକୋଣ', 'ସମାପାଜ୍ଞୁର ରଘୁ', 'ମନ ମୋର କାଗଜ ଗୁଡ଼ି', 'ଲଗାମ', 'ପାଣିଗ୍ରହଣ', 'କୁରୁକ୍ଷେତ୍ର', 'ଗୁପଚୁପ', 'ବୋଉର ହାତବାକ୍ସ' ଇତ୍ୟାଦି ସିନେମା ସହିତ ୨୦୨୩ ମସିହାରେ 'ଡେଲିଭରୀ ବୟ', 'ମାଇଣ୍ଡ ଗେମ୍', 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ପ୍ରମୁଖ ଦର୍ଶକଙ୍କ ମନକୁ ଛୁଇଁ ପାରିଛି ।

୨୦୨୪ ମସିହାରେ ରିଲିଜ ହୋଇଥିବା 'ନିର୍ଣ୍ଣୟ', 'ପାବାର', 'କର୍ମ', 'ଭିଲେନ', 'ଦଶମ', 'ଡିଅର୍ ପୁରୁଷ', 'ଯୋଗିନୀ' ପ୍ରଭୃତି ସିନେମାକୁ ମଧ୍ୟ ଦର୍ଶକ ବେଶ୍ ପସନ୍ଦ କରିଥିଲେ । ୨୦୨୪ ମସିହା ରଜରେ ତିନୋଟି ସିନେମା ରିଲିଜ ହୋଇଥିଲା ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏବଂ ବାବୁସାନଙ୍କ ଅଭିନୀତ 'ପାବାର', ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଏବଂ ଅନୁଭବଙ୍କ ଅଭିନୀତ 'କୁହୁଡ଼ି' ଏବଂ ଗିରିଶ ନାୟକଙ୍କ ନିର୍ଦ୍ଦେଶିତ ଓ ସ୍ୱରାଜ ବାରିକଙ୍କ ଅଭିନୀତ 'ଖୋକା ଭାଇ ତମ ପାଇଁ' । ତେବେ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ପାବାର' ଖୁବ୍ ଭଲ ବ୍ୟବସାୟ କରିପାରିଥିଲା । ଗତ ଦଶହରାରେ ମୁକ୍ତିଲାଭ କରିଥିଲା ଅନୁପମ ପଟ୍ଟନାୟକଙ୍କ 'କର୍ମ', ଅର୍ଦ୍ଧେନ୍ଦୁ ସାହୁଙ୍କ 'ଭିଲେନ' ଏବଂ କୁମାର ପ୍ରୀତମଙ୍କ 'ଦୁର୍ଗା' । 'କର୍ମ' ବିପୁଳ ସଫଳତା ସହିତ ବିଗତ ୧୭ /୧୮ ବର୍ଷର ରେକର୍ଡ ଭାଙ୍ଗିବାରେ ସକ୍ଷମ ହୋଇଥିଲା । 'କର୍ମ' ଓଡ଼ିଆ ସିନେମାର ଗତି ବଦଳାଇ ଦେବା ସହିତ ଅନେକ ନୂଆ ପ୍ରଯୋଜକଙ୍କୁ ସିନେମା ଶିଳ୍ପ ପ୍ରତି ପୁନର୍ବାର ଆକୃଷ୍ଟ କରାଇବାରେ ସକ୍ଷମ ହୋଇପାରିଲା ।.











## ୨୦୨୫ର ଚର୍ଚ୍ଚିତ ଚଳଚ୍ଚିତ୍ର

୨୦୨୫ ମସିହାରେ ପ୍ରତାପ ରାଉତଙ୍କ 'ରଙ୍ଗଶୁର', 'ଅଦୃଶ୍ୟ', 'ଭାଇ', 'ଆଞ୍ଜେଲ', 'ଘମାଘୋଟ', 'ଆଜିର ରେବତୀ', 'ପାଦେ ଆକାଶ', 'ଡଷ୍ଟବିନ' ସହିତ ରିଲିଜ ହୋଇସାରିଛି । ରାକେଟ୍, ୧୯ ୯ ୯ ଓ 'ରଙ୍ଗଶୁର' ଖୁବ୍ ଭଲ ଫିଲ୍ମ ହୋଇଥିଲେ ମଧ୍ୟ ଅନେକ ଓଡ଼ିଆ ସିନେମା ପାଖାପାଖି ସମୟ ଭିତରେ ରିଲିଜ୍ ହେବା ଫଳରେ ଆଶାନୁରୂପକ ବ୍ୟବସାୟ କରିପାରିଲା ନାହିଁ । ମୌଳିକ କାହାଣୀକୁ ନେଇ ଗତ ଏପ୍ରିଲ ମାସରେ ଏକ ସାଥିରେ ୧୧ ତାରିଖ ଦିନ ମୁକ୍ତିଲାଭ କଲା 'ଆଜିର ରେବତୀ', 'ଡଷ୍ଟବିନ' ଏବଂ 'ପାଦେ ଆକାଶ' । ଆର୍. ଆର୍, ଇଭେଣ୍ଟ ଆଣ୍ଡ ସିନେ ପ୍ରଡକ୍ସନ୍ ନିବେଦିତ ଓ ରମେଶ ବାରିକଙ୍କ ପ୍ରଯୋଜିତ ମୌଳିକ କାହାଣୀ ପାଇଁ 'ଆଜିର ରେବତୀ' ଦର୍ଶକୀୟ ଆଦୃତି ପାଇଲା । ବର୍ତ୍ତମାନର ସାମାଜିକ ପରିବେଶ, ନାରୀର ସ୍ୱପ୍ନ, ସ୍ୱାଧୀନତା, ଅନେକ ଆଧୁନିକ ସମୟର ସମସ୍ୟାକୁ ଆଶ୍ରୟ କରି, 'ରେବତୀ' ଏକ ସମକାଳୀନ କାହାଣୀ ଯାହା 'ଆଜିର ରେବତୀ' ଚଳଚ୍ଚିତ୍ର ଆକାରରେ ପ୍ରକାଶ ପାଇଛି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ରେବତୀ'ର ପ୍ରେରଣାକୁ ଆଧାର କରି ଆଧୁନିକ ପରିବେଶର ଏକ ନୂତନ ଚିନ୍ତାଧାରାର ପୁନଃସଂପାଦନ 'ଆଜିର ରେବତୀ' ଚଳଚ୍ଚିତ୍ର କରାଯାଇଛି । ପୁରୀର ଡକ୍ଟର ବଦ୍ରି ମିଶ୍ରଙ୍କ କାହାଣୀକୁ ସିନେମା ରୂପ ଦେଇଥିଲେ ଶ୍ୟାମା ପ୍ରସାଦ ମିଶ୍ର । ଶୁଭ୍ରାଂଶୁ ଦାସ ଏହାର ନିର୍ଦ୍ଦେଶକ ଥିଲେ । ସେହିପରି ଅର୍ଚ୍ଚିତା ସାହୁ ଅଭିନୀତ ଏବଂ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ପାଦେ ଆକାଶ' ଦର୍ଶକମାନଙ୍କ ଖୁବ୍ ଭଲ ପାଇବା ସହିତ ଭଲ ବ୍ୟବସାୟ କରିଛି । ସେହିପରି ପପୁ ପମ୍ ପମ୍ଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ଡଷ୍ଟବିନ୍' ମଧ୍ୟ ସଫଳ ହୋଇଥିଲା ।

ଚଳିତ ବର୍ଷ ରଜର କିଛିଦିନ ପୂର୍ବରୁ ଆସିଲା 'ଫାଷ୍ଟ ଲଭ୍', ମାତ୍ର ଦୁଇ ସପ୍ତାହ ପରେ ରିଲିଜ ହେଲା ବାବୁସାନଙ୍କ 'ବୋଉ ବୁଟୁ ଭୂତ' ଏବଂ ସବ୍ୟସାଚୀ ମିଶ୍ରଙ୍କ 'ଅନନ୍ତା' । ଦୁଇଟି ଓଡ଼ିଆ ସିନେମା ପ୍ରତି ଦର୍ଶକ ଅନେକ ଭଲ ପାଇବା ଦେଇଛନ୍ତି ।

## 'ଅନନ୍ତା'ରେ ଓଡ଼ିଆ ସଂସ୍କୃତିର ଝଲକ

ସୋସିଆଲ୍ ମିଡିଆରେ ବେଶ୍ କିଛି ମାସ ଆଲୋଚନା ପରେ ଶେଷରେ ପ୍ରେକ୍ଷାଳୟରେ ମୁକ୍ତି ଲାଭ କଲା ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ରାଣ୍ଡୀ ପୁଅ ଅନନ୍ତା' ଗଳ୍ପ ଅବଲମ୍ବନରେ ନିର୍ମିତ ବହୁ ଚର୍ଚ୍ଚିତ ଓଡ଼ିଆ ସିନେମା 'ଅନନ୍ତା' । ରଜରେ ମୁକ୍ତିଲାଭ କରିଥିବା 'ଅନନ୍ତା' ବ୍ୟବସାୟିକ ସଫଳତା ଏବଂ ଦର୍ଶକୀୟ ଆଦୃତି ଲାଭ କରିଛି । ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଅନେକ ବର୍ଷ ତଳେ ଏହାର ଛୋଟ ସଂସ୍କରଣ ଛୋଟ ପରଦାରେ କରି ସାରିଥିବା ବେଳେ ୨୦୨୫ ମସିହାରେ ବଡ଼ ପରଦା ପାଇଁ ନିର୍ଦ୍ଦେଶନା ଦେଇଛନ୍ତି । ଏଥର କିନ୍ତୁ ନିର୍ଦ୍ଦେଶକଙ୍କ ସହିତ ଯୋଡ଼ି ହୋଇଛନ୍ତି କୁମାର ଦେବ ମହାପାତ୍ର । ସିନେମାର ଶୀର୍ଷକ ନାମକୁ ନେଇ ଯେତେ ବାଦ ବିବାଦ ଅତୀତରେ ହୋଇଥିଲେ ମଧ୍ୟ ମୁକ୍ତିଲାଭ ପରେ ତାହା ଏହି ସିନେମା ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି । ପାଞ୍ଚ ଦିନରେ ଏକ କୋଟିରୁ ଅଧିକ ବ୍ୟବସାୟ କରିଚି । ସିନେମା ପ୍ରଥମରୁ କାଷ୍ଟିଂରେ ଏଆଇ ଗ୍ରାଫିକ୍ସରେ କରାଯାଇଥିବା ଚରିତ୍ରମାନଙ୍କର ଉପସ୍ଥାପନା, ଏ ସମୟରେ ନୂଆ ସିନେମାର ଧାରା ଏବଂ ବୈଷୟିକ ଆଗ୍ରହ ପ୍ରତି ନିର୍ଦ୍ଦେଶକଙ୍କ ଦୃଷ୍ଟିଭଙ୍ଗୀକୁ ସୂଚାଇ ଦେଉଛି । ପ୍ରଥମ ଥର ପାଇଁ ଏହିପରି ନୂତନ ବୈଷୟିକ ଜ୍ଞାନ ପ୍ରୟୋଗ କରିଛନ୍ତି ଦେଶ-ବିଦେଶରେ ଖ୍ୟାତି ଅର୍ଜନ କରିଥିବା ଜଣେ ଓଡ଼ିଆ ପୁଅ ତଥାଗତ । ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିବା ପ୍ରତ୍ୟେକ କଳାକାର ସେମାନଙ୍କ ଚରିତ୍ରକୁ ନିଜ ନିଜ ସ୍ଥାନରେ ସଠିକ୍ ଭାବେ ଫୁଟାଇଛନ୍ତି । ମୁଖ୍ୟ ଚରିତ୍ର 'ଅନନ୍ତା' ଚରିତ୍ରରେ ନାୟକ ସବ୍ୟସାଚୀ ମିଶ୍ର ବେଶ୍ ବଳିଷ୍ଠ ଅଭିନୟ କରିଛନ୍ତି । 'ଅନନ୍ତା'ର 'ବୋଉଲୋ...' ଆଉ ଦେବକୀ ମାଆର 'ଓ...ଲୋ' ସଂଳାପ ଖୁବ୍ ମଧୁର ଓ ମଜାଳିଆ ହୋଇଛି । ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ଅଭିନୟ ଏବଂ ନୃତ୍ୟ ଚମତ୍କାର ହୋଇଛି । ସେହିପରି ଅନନ୍ତାର ମାଆ ଦେବକୀ ଭୂମିକାରେ ଅଭିନୟ କରିଥିବା ଜ୍ୟୋତିର୍ମୟୀ ପଣ୍ଡାଙ୍କ ଅଭିନୟକୁ ଦର୍ଶକ ଭୂୟସୀ ପ୍ରଶଂସା କରୁଛନ୍ତି । ଅନ୍ୟ କଳାକାରଙ୍କ ଅଭିନୟ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । ଏହି ସିନେମାରେ ଗାଁର ପ୍ରାକୃତିକ ମନୋରମ ଦୃଶ୍ୟ ସହିତ ସଂକୀର୍ତ୍ତନ, ଘୋଡ଼ା ନାଚ, ଧୁଡୁକି ନାଚ ପରି ଓଡ଼ିଶାର ବାଦ୍ୟ ସଂଗୀତ ବହୁଳ ଭାବେ ବ୍ୟବହାର କରି ନିର୍ଦ୍ଦେଶକ ଏବଂ କ୍ରିଏଟିଭ୍ ଟିମ୍ ଖାଣ୍ଟି ଓଡ଼ିଆକୁ ଦେଶ ବିଦେଶରେ ପ୍ରଚାର କରାଇବା ପାଇଁ ଚେଷ୍ଟା କରିଛନ୍ତି ।



## ରେକର୍ଡ ଭାଙ୍ଗିଛି 'ବୋଉ ବୁଟୁ ଭୂତ'




ରଜରେ ରିଲିଜ ହୋଇଛି ବାବୁସାନଙ୍କ 'ବୋଉ ବୁଟୁ ଭୂତ' । ଏହି ସିନେମାରେ ପ୍ରଥମେ ସିନେମାର କାହାଣୀ ଏବଂ ଚିତ୍ରନାଟ୍ୟ କଥା ବିଚାର କରାଯାଇପାରେ । ଦର୍ଶକ ଭାବୁଛନ୍ତି ପ୍ରଥମରୁ କାହାଣୀ ବୁଝା ପଡୁନି.... ଭୂତ କାହିଁ ? ସେଇଟା ହିଁ ଚିତ୍ରନାଟ୍ୟର ମୁଖ୍ୟ କଥା । ସିନେମା ପ୍ରଥମରୁ ଜାଣିଗଲେ ଶେଷ ପର୍ଯ୍ୟନ୍ତ ଦେଖିବା କାହିଁକି ? ତେଣୁ ମୋ ମତରେ କାହାଣୀ ଓ ଚିତ୍ରନାଟ୍ୟ ଲେଖକ ମହମ୍ମଦ ଇମ୍ରାନଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ ହେବ । କାହାଣୀଟି ବିଶେଷ କରି ଅପରାଜିତା ମହାନ୍ତି, ବାବୁସାନ ଏବଂ ଅର୍ଚ୍ଚିତାଙ୍କୁ ନେଇ ଗତିଶୀଳ ହୋଇଛି । ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କ ଚରିତ୍ର ଏଣ୍ଟ୍ରି କରି ସମୁଦାୟ କାହାଣୀକୁ ଆଉ ଏକ ଦିଗକୁ ନେଇ ଯାଉଛି । ବାବୁସାନ, ଅପରାଜିତା ମହାନ୍ତି ଏବଂ ଅର୍ଚ୍ଚିତାଙ୍କ ଅଭିନୟର ଅସାଧାରଣର ଦକ୍ଷତା ଦେଖିବାକୁ ମିଳିଛି ଏହି ଚଳଚ୍ଚିତ୍ରରେ । କାହାଣୀ ଏବଂ ଚିତ୍ରନାଟ୍ୟ ଲେଖିଛନ୍ତି ମହମ୍ମଦ ଇମ୍ରାନ । ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶନା ଅତି ଉଚ୍ଚକୋଟୀର ଏବଂ ନିଖୁଣ ହୋଇ ପାରିଛି । ପ୍ରଯୋଜିକା ତୃପ୍ତି ଶତପଥି ଏବଂ କାର୍ଯ୍ୟକାରୀ ପ୍ରଯୋଜନା ସହିତ ପ୍ରଚାରର ମଙ୍ଗ ଧରିଛନ୍ତି ସମ୍ବିତ ଜେନା । ଅନ୍ୟ ଅଭିନେତାମାନେ ନିଜ ନିଜ ସ୍ଥାନରେ ଖୁବ ସୁନ୍ଦର ଅଭିନୟ କରିଛନ୍ତି । 'ବୋଉ ବୁଟୁ ଭୂତ' ସିନେମାର ବ୍ୟବସାୟ ଆଶାଠାରୁ ଅଧିକ ହୋଇଛି ।






## ସିନେମା ସଫଳତା ପାଇଁ ପ୍ରୟାସ

ଦର୍ଶକ କାହିଁକି ଦେଖିବେ ଓଡ଼ିଆ ସିନେମା ? ଯୁବ ଦର୍ଶକ କିପରି ଆସିବେ ପ୍ରେକ୍ଷାଳୟକୁ ? ଏହାକୁ ନେଇ ଚାଲିଛି ତର୍ଜମା । ଯଦି ସିନେମାର କାହାଣୀ ନିଶ୍ଚିତ ଭାବରେ ସମ୍ପୂର୍ଣ୍ଣ ନୂଆ ଲାଗିବ, ନିଶ୍ଚୟ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବ । ସେହିଭଳି ମୌଳିକ କାହାଣୀକୁ ନେଇ ସିନେମା କରିବାର ଆବଶ୍ୟକତା ରହିଛି । ସିନେମା ରିଲିଜ ହେବାର ୩ ମାସ ପୂର୍ବରୁ ପ୍ରଚାର ଆରମ୍ଭ ହେବା ଆବଶ୍ୟକ । ସିନେମାର ପ୍ରଚାର ପାଇଁ ହୋର୍ଡ଼ିଂ, ପୋଷ୍ଟର ସହିତ ସୋସିଆଲ୍ ମିଡିଆ ଏବଂ ସିନେମା କାହାଣୀକୁ ଚାହିଁ ଅନ୍ୟାନ୍ୟ ମାଧ୍ୟମରେ ପ୍ରଚାର କଲେ ନିଶ୍ଚୟ ସଫଳତା ଲାଭ କରିବ । ବର୍ତ୍ତମାନ ସମୟରେ ଦର୍ଶକ କେଉଁ ବିଷୟ ଏବଂ କେଉଁ ଭଳି ସିନେମା ଚାହୁଁଛନ୍ତି, ଯଦି ପ୍ରଯୋଜକ ଏବଂ ନିର୍ଦ୍ଦେଶକ ବୁଝିପାରିବେ ନାହିଁ, ତେବେ ସିନେମା ଆଉ ଚାଲିବ ନାହିଁ । ନିଜ ଖୁସି ପାଇଁ ଯେଉଁମାନେ ସିନେମା କରୁଛନ୍ତି, ସେମାନେ ନିଜର କ୍ଷତି କରିବା ସହିତ ସେ ସମୟରେ ରିଲିଜ ହେଉଥିବା ଅନ୍ୟ ପ୍ରଯୋଜକଙ୍କ ସିନେମାର ମଧ୍ୟ କ୍ଷତି କରୁଛନ୍ତି । ପୂର୍ବରୁ ଯେପରି ପ୍ରଯୋଜକ ଏବଂ ବିତରକମାନେ ପରସ୍ପର ଭିତରେ ଆଲୋଚନା କରି ଓଡ଼ିଆ ସିନେମା ରିଲିଜ କରୁଥିଲେ, ସେହିପରି ଆଉ ଏକ ସିଣ୍ଡିକେଟର ଆବଶ୍ୟକତା ରହିଛି । ନଚେତ କାହାଣୀ, ସଂଳାପ, ସଂଗୀତ, ଚିତ୍ରୋତ୍ତଳନ ଏବଂ ନିର୍ଦ୍ଦେଶକ ଭଲ ଥାଇ ମଧ୍ୟ ସିନେମା ସୀମିତ ହଲ୍‌ରେ ଦୀର୍ଘଦିନ ଚାଲିବା ଅସମ୍ଭବ ହୋଇପଡ଼ିବ । ଏ ସମସ୍ୟା କଥା ପ୍ରଯୋଜକମାନେ ହୃଦୟଙ୍ଗମ କଲେ ଓଡ଼ିଆ ସିନେମା ଜଗତ ପାଇଁ ଭଲ ଦିନ ହେବ । ଆଉ ପୁଣି ଥରେ ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ ଫେରି ଆସିବ । ■

ମୋ: ୯୭୭୭୫୮୮୮୮୨

# କାହାଣୀକୁ ନେଇ ଚାଲିଛି ପରୀକ୍ଷା ନିରୀକ୍ଷା



ଡ. ରଜନୀ ରଞ୍ଜନ
ବିଶିଷ୍ଟ ସଂଳାପକାର

**ସମୟ ସହିତ ଓଡ଼ିଆ ସିନେମାର କାହାଣୀରେ ଅନେକ ପରିବର୍ତ୍ତନ ଆସିଛି । ମଝିରେ ଓଡ଼ିଆ କଥାଚିତ୍ରରୁ ଲୋକେ ଏକ ପ୍ରକାର ମୁହଁ ଫେରାଇ ନେଇଥିବା ବେଳେ ଏବେ ପୁଣି ଏହାର କାହାଣୀ ଲୋକଙ୍କୁ ଛୁଇଁଛି । ତେବେ ଚଳିତ ବର୍ଷ କେତେକ ସିନେମାର କାହାଣୀ ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିଛି ।**

ସମୟ ଥିଲା ଓଡ଼ିଆ ଚଳଚ୍ଚିତ୍ର କେବଳ ନାୟକ ଓ ନାୟିକା ପ୍ରଧାନ ଥିଲା । ସେତେବେଳେ ଖାଲି ଚକାଚକ୍ ହିନ୍ଦୀ ସିନେମା ଦେଖିଲା ଭଳି କିଛି ଆକ୍ସନ ସିନେମା ନଚେତ ଗାଁ ଗହଳିର କଥା ଦେଖିବାକୁ ମିଳୁଥିଲା । ସେହିପରି ଟେଲିଭିଜନ ମାଧ୍ୟମରେ ଲୋକେ ସେଇ ଘର ଘର କାହାଣୀ, ସେହି ପୁରୁଣା ଭାବାବେଗକୁ ଦେଖି ଥକ୍କି ଗଲେଣି । ପୁଣି ଏବେ ସିନେମାରେ ସେହି ପୁରୁଣା କାହାଣୀ ଦେଖିବା ଦ୍ୱାରା ଚଳଚ୍ଚିତ୍ର ସ୍ଥାଣୁ ପାଲଟିବା ଥୟ । ଓଡ଼ିଆ ଚଳଚ୍ଚିତ୍ରର ମଧ୍ୟ ସେହି ଅବସ୍ଥା ହେଲା । ତେବେ ମୋବାଇଲ୍ ଯୁଗରେ ବିଭିନ୍ନ ଭାଷାର ଚଳଚ୍ଚିତ୍ର ଦେଖିବାର ଲୋକ ସୁଯୋଗ ପାଉଛନ୍ତି । ଏ ଦୃଷ୍ଟିରୁ ପ୍ରତିଯୋଗିତା କରିବାକୁ ପଡ଼ିବ । ଅବଶ୍ୟ ଦଶ ବର୍ଷ ପାଖାପାଖି ଓଡ଼ିଆ ଫିଲ୍ମ ନୈରାଶ୍ୟଜନକ ପ୍ରଦର୍ଶନ କରି ଚାଲିଲା । କାଁ ଭାଁ କିଛିଟା ଫିଲ୍ମ ହିଟ୍ ହେଲା । ନହେଲେ ଯେଉଁଠି କୋଟି କୋଟି ଟଙ୍କା ବାହାର ସିନେମା ଆଦାୟ କରି ନେଲେ, ସେଭଳି ସ୍ଥଳେ ଓଡ଼ିଆ ଫିଲ୍ମ ଚାଲି ନ ପାରିବା ଦୁଃଖର ବିଷୟ ।

ସୌଭାଗ୍ୟର କଥା ହେଉଛି, ଚଳିତ ବର୍ଷ କାହାଣୀରେ ନୂଆ ପରୀକ୍ଷା ନିରୀକ୍ଷା ଚାଲିଛି । ସେହି ପୁରୁଣା ଶଗଡ଼ ଗୁଳାର କାହାଣୀ ଆଉ ଚାଲିବ ନାହିଁ । ଏବେ ନୂଆ ଧରଣର କାହାଣୀକୁ ପରିଚିତ କରାଉଛୁ । ଏହାର ଉଦାହରଣ ହେଉଛି 'ବୋଉ ବୁଟୁ ଭୂତ' ସିନେମା । ଏହା ହିନ୍ଦୀ, ସାଉଥ୍ ଫିଲ୍ମକୁ ଟପିଲାଣି । ସେହିପରି ଫକୀରମୋହନ ସେନାପତିଙ୍କ 'ରାଣ୍ଡୀ ପୁଅ ଅନନ୍ତା' ଅବଲମ୍ବନରେ ନିର୍ମିତ 'ଅନନ୍ତା' ସିନେମା ମଧ୍ୟ ବେଶ୍ ସଫଳତା ଦିଗକୁ ଆଗେଇ ଚାଲିଛି । ଏହା ମଧ୍ୟ କୋଟି କୋଟି ଟଙ୍କା ଆୟ କଲାଣି । ଯାହାକି ଏକ ଶୁଭ ସୂଚନା । ତେଣୁ ଏଥିରୁ ଜଣାପଡୁଛି, କ୍ଲାସିକ୍ ହେଲେ ମଧ୍ୟ 'ଅନନ୍ତା'କୁ ଯେଉଁ ଭଲପାଇବା ଲୋକମାନେ ଦେଉଛନ୍ତି, ଜଣାପଡୁଛି ଲୋକମାନଙ୍କର ରୁଚି ବଦଳିଛି । ସେହି ପୁରୁଣା ରୁଚି ହେଲେ ବି ପୁରୁଣା କାହାଣୀକୁ ମଧ୍ୟ ଦେଖିବାକୁ ଚାହୁଁଛନ୍ତି । ଏ ଦୃଷ୍ଟିରୁ ଦେଖିଲେ, ନିଶ୍ଚିତ ଭାବରେ ସେହି ଚିରାଚରିତ କାହାଣୀ ଆଉ ଚାଲିବ ନାହିଁ । ବର୍ତ୍ତମାନ କାହାଣୀ ପରିବର୍ତ୍ତନ କରିବାର ଯଥାର୍ଥ ସମୟ ଆସିଛି । ଆଗକୁ ଅନେକ ଚଳଚ୍ଚିତ୍ର ଆସୁଛି, ସବୁଥିରେ ନୂଆ ଟେକ୍ନିସିଆନ୍, ଯୁବ ନିର୍ଦ୍ଦେଶକ, ଯୁବ କ୍ୟାମେରାମ୍ୟାନ ଆସୁଛନ୍ତି । ପୁଣି ଏବେ ଟେକ୍ନିକ୍ ବଦଳିବାରୁ ଚିରାଚରିତ କାହାଣୀ ଚାଲିବ ନାହିଁ ।

ଅନ୍ୟପଟେ ଜୁଲାଇ ୪ ତାରିଖରେ ରିଲିଜ୍ ହେବାକୁ ଥିବା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମା ଓଡ଼ିଆ ମାଟିର କଥା, ଓଡ଼ିଆ ଅସ୍ମିତାର କଥାକୁ ପ୍ରତିଫଳିତ କରିବ । ପୂର୍ବରୁ ଜଗନ୍ନାଥଙ୍କୁ ନେଇ ଅନେକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ମୁଁ ମଧ୍ୟ 'ଜୟ ଜଗନ୍ନାଥ' ,'ଶ୍ରିୟା ଚଣ୍ଡାଲୁଣି', ଲକ୍ଷ୍ମୀପୁରାଣ ଆଧାରିତ କାହାଣୀର ସଂଳାପ ରଚନା କରିଛି । ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ଲିଖିତ 'ନବକଳେବର' ନାଟକର କାହାଣୀ ଅବଲମ୍ବନରେ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି) ଏହି ଫିଲ୍ମଟି ନିର୍ମାଣ କରିଛନ୍ତି । ଏଥିରେ ସିଦ୍ଧାନ୍ତ, ଶ୍ରୀତମଙ୍କଠାରୁ ଆରମ୍ଭ କରି ଜ୍ୟୋତିଙ୍କ ଭଳି ବହୁ କଳାକାର ସାମିଲ ଅଛନ୍ତି । କହିବାକୁ ଗଲେ ସବୁପିଢ଼ିର କଳାକାର ଏହି ସିନେମାରେ ଅଛନ୍ତି । ଅପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ ହୋଇଛି । ତେବେ ଏ କାହାଣୀ ଲୋକଙ୍କୁ ନିଶ୍ଚୟ ଛୁଇଁବ ବୋଲି ମୋର ଆଶା ରହିଛି । ■




# ନିଛକ ଓଡ଼ିଆ କାହାଣୀ ଦର୍ଶକଙ୍କ ଅଧିକ ପସନ୍ଦ



ସବ୍ୟସାଚୀ ମହାପାତ୍ର
ନିର୍ଦ୍ଦେଶକ 'ଅନନ୍ତା'

'ଅନନ୍ତା' ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ହେଉଛି ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାହାଣୀ । ଏହାର କାହାଣୀରେ ମାଟିର ବାସ୍ନା ଅଛି । ଓଡ଼ିଆ କଳା, ସଂସ୍କୃତି, ପରମ୍ପରାର ଛାପ ରହିଛି । ଏଥିରେ ପିଲା ଏବଂ ଯୁବକମାନଙ୍କ ପାଇଁ ନୀତିଶିକ୍ଷା ମଧ୍ୟ ରହିଛି । ଜଣେ ବେକାର ଯୁବକ ବା ଜଣେ ବାଲୁଙ୍ଗା ପିଲା ପାଖରେ କିପରି ବଡ଼ ହେବାର ସମ୍ଭାବନା ରହିଥାଏ, ତାହା ଏଥିରେ ପ୍ରତିଫଳିତ ହୋଇଛି । 'ଅନନ୍ତା' ଏକ ଚିନ୍ତାଧାରା । ଏହି ଫିଲ୍ମରେ ଯେଉଁ ଗୀତଗୁଡ଼ିକ ସଂଯୋଜିତ ହୋଇଛି, ତାହା ହେଉଛି ଲୋକଗୀତ ଓ ଓଡ଼ିଆ ଲୋକ ସଂସ୍କୃତି ଆଧାରିତ । ପୂର୍ବରୁ ଓଡ଼ିଆ ଲୋକଗୀତକୁ ଅନ୍ୟମାନେ ଉପେକ୍ଷା କରୁଥିଲେ, କିନ୍ତୁ ଏଥିରେ ଲୋକଗୀତକୁ ସଂଯୋଗ କରାଯାଇଛି । ଗୀତଗୁଡ଼ିକ ମିଲିଅନ୍ ଦର୍ଶକ ଦେଖି ସାରିଛନ୍ତି । ଅଭିଜିତ୍ ମଜୁମଦାର୍ଙ୍କ ମ୍ୟୁଜିକ୍‌ର ସମସ୍ତ ଗୀତ ଏବେ ଟ୍ରେଣ୍ଡିଂ କରୁଛି । ଲକ୍ଷ ଲକ୍ଷ ଲୋକ ଏହାକୁ ପସନ୍ଦ କରୁଛନ୍ତି । ଯେହେତୁ ବହୁତ ଦିନ ପରେ ଏକ ନିଛକ ଓଡ଼ିଆ କାହାଣୀକୁ ନେଇ ସିନେମା ନିର୍ମିତ ହୋଇଥିବାରୁ ଦର୍ଶକମାନେ ଦେଖିବାକୁ ଏତେ ପରିମାଣରେ ଭଲ ପାଉଛନ୍ତି । ଆଶ୍ଚର୍ଯ୍ୟର କଥା ପ୍ରାୟ ସବୁ ଶୋ' ହାଉସଫୁଲ୍ ରହୁଛି । ତେଣୁ ଏହା ଓଡ଼ିଆତ୍ୱର ନବଜାଗରଣ ହୋଇଛି । ଶୁଭ ସୂଚନା ହେଉଛି ଦର୍ଶକମାନେ ପୁଣି ଥରେ ପ୍ରେକ୍ଷାଳୟ ମୁହାଁ ହୋଇଛନ୍ତି । 'ଅନନ୍ତା' ଚଳଚ୍ଚିତ୍ରରେ ସବୁ କଳାକାର ଭଲ ଅଭିନୟ କରିଛନ୍ତି । ମୁଖ୍ୟ ଚରିତ୍ର ସବ୍ୟସାଚୀ ମିଶ୍ରଙ୍କଠାରୁ ଆରମ୍ଭ କରି ସୂର୍ଯ୍ୟମୟୀ, କୁନା ତ୍ରିପାଠୀ, ପୃଥ୍ୱୀରାଜ ନାୟକ, ତାପସ ସରଘରିଆ ପ୍ରମୁଖ ସମସ୍ତ କଳକାର ଭଲ ଅଭିନୟ କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଆ ଭୂମିକାରେ ଜ୍ୟୋତିର୍ମୟୀ ପଣ୍ଡା ଚମତ୍କାର ଅଭିନୟ କରିଛନ୍ତି । ଅଭିନୟ, ସଙ୍ଗୀତ, ଫଟୋଗ୍ରାଫି ଆଦି ସବୁ ଦୃଷ୍ଟିରୁ 'ଅନନ୍ତା' ଚଳଚ୍ଚିତ୍ର ସଫଳ ହୋଇଛି । ମୋ ସହିତ ଏଥିରେ କୁମାର ଶ୍ରୀଦେବ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ପୁରୁଣା ଓ ନୂତନ ନିର୍ଦ୍ଦେଶକଙ୍କ ଯୁଗଳ ବନ୍ଦୀ ଏଥିରେ ଦେଖିବାକୁ ମିଳିଛି । 'ଅନନ୍ତା'ର ସଫଳତା ପଛରେ ପୂରା ଟିମ୍‌ର ଅବଦାନ ରହିଛି । ■



# ବଦଳୁଛି ଓଡ଼ିଆ ସିନେମା ଧାରା

ସମୟ ଥିଲା ଓଡ଼ିଆ ଫିଲ୍ମ କପି ହେଉଛି କହି ଦର୍ଶକ ମୁହଁ ଫେରାଉ ନେଉଥିଲେ । ହେଲେ 'ଦମନ' ଫିଲ୍ମ ପରେ ଫିଲ୍ମ ନିର୍ମାତା ମୌଳିକ ଓ ବାସ୍ତବ କାହାଣୀକୁ ନେଇ ଫିଲ୍ମ ଆରମ୍ଭ କରିଲେ । ଏହା ଜନାଦୃତ ହେଲା । 'ପ୍ରତୀକ୍ଷା', 'କର୍ମ', 'ମାଲ୍ୟଗିରି' 'ପାବାର' ଆଦି ଫିଲ୍ମର ବ୍ୟାବସାୟିକ ସଫଳତା ପରେ ଏବେ 'ବୋଉ ବୁଟୁ ଭୂତ' ଫିଲ୍ମ ମାତ୍ର କିଛି ଦିନ ମଧ୍ୟରେ ୧୧ କୋଟି ଟଙ୍କା ଆୟ କରି ରେକର୍ଡ ଭାଙ୍ଗିଛି । ତେବେ ଦିନକୁ ଦିନ ଓଡ଼ିଆ ସିନେମାର ଧାରା ବଦଳିବା ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ଘଟଣା ।



**ଦିଲ୍ଲୀପ ହାଲି**







ଗୋଟିଏ ସିନେମା ପ୍ରସ୍ତୁତି ପାଇଁ କ୍ୟାମେରାମ୍ୟାନ୍‌ଙ୍କଠାରୁ ଟେକ୍ନିସିଆନ୍, ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅତୀତରେ ପ୍ରଶାନ୍ତ ନନ୍ଦ ହେଉନ୍ତୁ କି ରାଜୁ ମିଶ୍ର, ମହମ୍ମଦ ମହସିନ୍, ରବି କିନାଗି ସମସ୍ତେ ଏକାଠି ବସି ଗୀତର ଦୃଶ୍ୟ କ'ଣ ରହିବ, କେଉଁ ଗୀତ ହେବ, ଗୀତରେ କ'ଣ ଲେଖା ରହିବ, ଛବି କ'ଣ ରହିବ ଆଦି କଥା ବସି ଆଲୋଚନା କରୁଥିଲେ । ଏହା ଦ୍ୱାରା ସିନେମା ସଫଳ ହେଉଥିଲା । ଏବେ ଓଡ଼ିଆ ସିନେମାରେ ହାତଗଣତି ପ୍ରଯୋଜକ ଟିମ୍‌ୱାର୍କକୁ ନେଇ କାମ କରୁଛନ୍ତି । 'ମାଲ୍ୟଗିରି' ହେଉ କି 'ଦମନ' ହେଉ ଅନୁପମ ପଟ୍ଟନାୟକ ଓ ବାବୁସାନ୍ ଯେମିତି କାହାଣୀକୁ ଗତିଶୀଳ କରିବାକୁ ଚେଷ୍ଟା କରିଛନ୍ତି ସେଥିପାଇଁ ଫିଲ୍ମଗୁଡ଼ିକ ସଫଳ ହେଉଛି ।

ବାବୁସାନ ଜଣେ କଳାକାର ପରିବାର ପିଲା । ଅତୀତରେ କିପରି ଫିଲ୍ମ ତିଆରି ହେଉଥିଲା, ଯୁବପିଢ଼ିଙ୍କ ପସନ୍ଦ କ'ଣ ତାହାକୁ ଧ୍ୟାନ ଦେଇ ସେ ନିଜ ଚିନ୍ତାଧାରାରେ କାମ କରୁଥିବାରୁ ତାଙ୍କର ଗୋଟିଏ ପରେ ଗୋଟିଏ ଫିଲ୍ମ ରେକର୍ଡ ଭାଙ୍ଗୁଛି । ନିକଟରେ 'ବୋଉ ବୁଟୁ ଭୂତ' ତାହାର ଜ୍ୱଳନ୍ତ ଉଦାହରଣ । ମାତ୍ର ୧୦ ଦିନ ମଧ୍ୟରେ ଏହି ଫିଲ୍ମଟି ୧୧ କୋଟି ଟଙ୍କା ଆୟ କଲାଣି । ଭୂତପ୍ରେତକୁ ନେଇ ଲୋକଙ୍କ ମନରେ ଭୟ ଥାଏ । ଏ ବିଷୟରେ ଜାଣିବାକୁ ବହୁତ ଆଗ୍ରହ ଥାଏ । ତେଣୁ ଓଡ଼ିଆ ସିନେମାରେ ପ୍ରଥମଥର ପାଇଁ ବାବୁସାନ, ଅପରାଜିତା, ଅର୍ଚ୍ଚିତା ସମସ୍ତେ ଏହି ହରର ଫିଲ୍ମରେ ଚମତ୍କାର ଅଭିନୟ କରିଛନ୍ତି । ସିନେମାର ଗୀତ 'ରାତି ବାରଟାରେ' ହିଁ ଫିଲ୍ମ ରିଲିଜ୍ ପୂର୍ବରୁ ଚହଳ ପକାଇଥିଲା । ଯୁବପିଢ଼ି ଗୀତ ଦେଖି ସିନେମା ଦେଖିବାକୁ ଆଗେଇ ଆସୁଛନ୍ତି । ୯୦ ଦଶକ ଭିତରେ ଯେତେ ସିନେମା ହୋଇଛି ସେଥିରୁ 'ବୋଉ ବୁଟୁ ଭୂତ'ଟି ଆୟରେ ରେକର୍ଡ ଭାଙ୍ଗିଛି । ଏହାକୁ ଦେଖିଲେ ଲାଗୁଛି ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁବର୍ଣ୍ଣ ଯୁଗ ଫେରିଛି ।

ସେହିପରି ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗପ 'ରାଣ୍ଡୀ ପୁଅ ଅନନ୍ତା' କାହାଣୀକୁ ନେଇ 'ଅନନ୍ତା' ଫିଲ୍ମ ରିଲିଜ୍ ହୋଇଛି । ଏହା ୧୦୦ ବର୍ଷ ପୂର୍ବର ଏକ କ୍ଲାସିକ୍ କାହାଣୀ । ସେ ସମୟରେ ଘରଗୁଡ଼ିକ ନୂଆଁଣିଆ ଚାଳ ଘର ଥିଲା, ରାସ୍ତାଘାଟ ପିଚୁ ନ ଥିଲା । ଅନନ୍ତା ଗାଁସାରା ଲୋକଙ୍କ ସେବା କରୁଥିଲେ ବି ସମସ୍ତେ ତା ବାଲୁଙ୍ଗାମୀ ପାଇଁ ଟାହିଟାପରା କରୁଥିଲେ । ତେଣୁ ପୁରୁଣା ଫିଲ୍ମ ଅନୁଯାୟୀ ସେମିତି ପରିବେଶର ସେଟ୍‌ଅପ୍ କରିଲେ ସଫଳତା ମିଳେ । ସବୁଠୁ ବଡ଼ କଥା ହେଉଛି, ଗଛ ପରି ପ୍ରଯୋଜକଙ୍କୁ ବଞ୍ଚାଇବା ଜରୁରି । ପ୍ରଯୋଜକମାନେ ଆଲୋଚନା ଭିତ୍ତିରେ ଭଲ ସିନେମା କଲେ ଓଡ଼ିଆ ସିନେମାର ସମୃଦ୍ଧି ହେବ । ■

**ସିନେ ସମୀକ୍ଷକ, ଭୁବନେଶ୍ୱର**

# ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ



**ରମେଶ ବାରିକ**






ସମୟ ଥିଲା ଓଡ଼ିଆ ସିନେମା କପି ଧାରାରେ ଚାଲିଥିଲା । ଦର୍ଶକ ଅନ୍ୟ ସିନେମାର କପି ଭାବି ଓଡ଼ିଆ ଫିଲ୍ମ ଦେଖିବାକୁ ନାପସନ୍ଦ କରୁଥିଲେ । ଓଡ଼ିଆ ଫିଲ୍ମରେ ମୌଳିକ କାହାଣୀକୁ ସେମାନେ ପାଉ ନ ଥିଲେ । ଏମିତି ଏକ ଘଡ଼ିସନ୍ଧି ଭିତରେ ମୌଳିକ ଓ ବାସ୍ତବ କାହାଣୀକୁ ନେଇ ପରଦାରେ ପ୍ରଦର୍ଶିତ ହୋଇଥିଲା 'ଦମନ', 'ପ୍ରତୀକ୍ଷା', 'ପୁଷ୍କରା' ପରି କିଛି ଓଡ଼ିଆ ଫିଲ୍ମ । ଏହି ଫିଲ୍ମର କଥାବସ୍ତୁ, କଳାକାରଙ୍କ ଦମ୍‌ଦାର ଅଭିନୟ, ବେଶଭୂଷା ଦର୍ଶକଙ୍କୁ ପୁଣି ହଲ୍‌ମୁହାଁ କରିଥିଲା । 'ଦମନ' ପରେ 'କର୍ମ' ଫିଲ୍ମ ବେଶ୍ ସଫଳତା ହାସଲ କରିଥିଲା । ଏହି କ୍ରମରେ ଏବେ ଓଲିଉଡ୍ ପାଇଁ ବଡ଼ ସଫଳତା ଦେଇଛି ବାବୁସାନଙ୍କ ଅଭିନୀତ ଫିଲ୍ମ 'ବୋଉ ବୁଟୁ ଭୂତ' । ବାବୁସାନ ତାଙ୍କ ଜୀବନରେ ଅନେକ ଫିଲ୍ମ କରିଥିଲେ, ହେଲେ ଚିନ୍ତା କରନ୍ତୁ, ଓଡ଼ିଆ ଦର୍ଶକ ଭୂତ ଫିଲ୍ମକୁ ଗ୍ରହଣ କରିବା ଓଲିଉଡ୍ ପାଇଁ ବଡ଼ ସଫଳତା । ଏହି ଫିଲ୍ମ ପାଇଁ ପ୍ରଯୋଜକ, କଳାକାର ସମସ୍ତେ ରିସ୍କ ନେଇ ରାତିରେ ଜଙ୍ଗଲରେ ସୁଟିଂ କରିବା ହେଉ କି ଫିଲ୍ମରେ ଲାଇଟିଂ, ସ୍କ୍ରିନ୍ ପ୍ଲେ, ଆର୍ଟଜବ୍ ଚମତ୍କାର ହୋଇଛି । ଫିଲ୍ମ ମାତ୍ର ୧୦ ଦିନରେ ୧୧ କୋଟି ଟଙ୍କା ବ୍ୟବସାୟ କରିଛି, କିଛି ଦିନ ମଧ୍ୟରେ ୧୭ କୋଟିରେ ପହଞ୍ଚିବ ଏଥିରେ ସନ୍ଦେହ ନାହିଁ । ତେଣୁ ଭଲ ଫିଲ୍ମ କରିଲେ, ଦର୍ଶକ ଏହାକୁ ନିଶ୍ଚିତ ଗ୍ରହଣ କରିବେ । ଖୁସି ଓ ସୌଭାଗ୍ୟର କଥା ଦର୍ଶକ ଯେଉଁପରି ଭଲ ସିନେମା ଦେଖିବାକୁ ଚାହୁଁଛନ୍ତି, ପ୍ରଯୋଜକମାନେ ଏବେ ସେପରି ସିନେମା କରୁଛନ୍ତି । ଭଲ ଭଲ କଣ୍ଟେଣ୍ଟ କରିବାକୁ ପ୍ରଯୋଜକଙ୍କଠାରୁ ନିର୍ଦ୍ଦେଶକ ସମସ୍ତେ ଏବେ ବ୍ୟସ୍ତ । ଏବେ ଓଡ଼ିଆ ଫିଲ୍ମରେ ସୁବର୍ଣ୍ଣ ଯୁଗ ଆସିଛି । ଏହି ଧାରା ବଜାୟ ରହିଛି । ସବୁଠୁ ବଡ଼ କଥା ହେଉଛି, ଭଲ କାହାଣୀ, କ୍ୟାମେରା, ଛବି, ଲାଇଟ୍, ପ୍ରଯୋଜକ, ସ୍କ୍ରିନ୍ ପ୍ଲେ, ମେକର, କଳାକାର ସମସ୍ତେ ପରସ୍ପର ପରିପୂରକ । ଟିମ୍ ୱାର୍କ ହୋଇ କାମ କଲେ, ସିନେମା ସଫଳ ହୁଏ । ନିକଟରେ ମୁଁ ସାହସ କରି ବହୁ ଦିନର କାହାଣୀକୁ ନେଇ 'ଗଣ୍ଡ ଭୈରବ' ପରି ଫିଲ୍ମ କରୁଛି । ଆଶା କରୁଛି ଏହା ମଧ୍ୟ ଦର୍ଶକଙ୍କୁ ଭଲ ଲାଗିବ । ■

**ସିନେ ପ୍ରଯୋଜକ**

# ଚର୍ଚ୍ଚାରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'



**ଆସନ୍ତା ଜୁଲାଇ ୪ ତାରିଖରେ ପରଦାକୁ ଆସିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଏହି ଚଳଚ୍ଚିତ୍ର। 'ସାଇ ଶ୍ରଦ୍ଧା ଟେଲି ପ୍ରଡ଼କ୍ସନ' ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ଅଛନ୍ତି ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି) ଓ ଦିଲୀପ କୁମାର ଜେନା। କାର୍ଯ୍ୟକାରୀ ପ୍ରଯୋଜକର ଦାୟିତ୍ୱ ନିର୍ବାହ କରିଛନ୍ତି ପ୍ରଣୟ ଜେଠୀ। ପ୍ରଯୋଜନା ପରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ରଖିଥିବା ସୌଭାଗ୍ୟଲକ୍ଷ୍ମୀ ଜେନାଙ୍କ ନିର୍ଦ୍ଦେଶିତ ଏହା ପ୍ରଥମ ଚଳଚ୍ଚିତ୍ର। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହି ସିନେମା ନିର୍ମିତ ହୋଇଛି।**

## ଶ୍ରୀତମ 'ରାଜା ପୁରୁଷୋତ୍ତମ ଦେବ' ଓ 'ରାଣୀ ପଦ୍ମାବତୀ' ଭୂମିକାରେ ପିଙ୍କି

ସବୁଠୁ ବଡ଼ କାନଭାସ୍‌ର ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଜଗନ୍ନାଥଙ୍କ ମହିମା ଆଧାରିତ ତଥା ତାରକା ଖଚିତ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବା ପାଇଁ କଳାକାର ଓ ଟେକ୍ନିସିଆନଙ୍କୁ ପ୍ରାୟ ତିନି ବର୍ଷ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଛି। ଅଭିନେତା ଶ୍ରୀତମ ଦାସ ଏଥିରେ ରାଜା ପୁରୁଷୋତ୍ତମ ଦେବ ଭୂମିକାରେ ଥିବା ବେଳେ ରାଣୀ ପଦ୍ମାବତୀ ଭୂମିକାରେ ଅଭିନୟ କରିଛନ୍ତି ଅଭିନେତ୍ରୀ ପିଙ୍କି ପ୍ରଧାନ। କୁହାଯାଏ, 'ଆସିଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼। ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରସିଲେ ମୁକୁନ୍ଦ ଦେବଙ୍କ ରାଣୀ!'। ହେଲେ ରାଣୀ କାହିଁକି ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ ସେ କଥା ଆମେ ଜାଣୁନା। ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଦେଖିଲା ପରେ ଏହାର କାରଣ ସହଜରେ ଜଣାପଡ଼ିଯିବ।



## ଉଚ୍ଚକୋଟୀର ଅଭିନୟ

ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଚଳଚ୍ଚିତ୍ର ଏକ ବିଗ୍ ବଜେଟ୍ ଚଳଚ୍ଚିତ୍ର ହେଉଛି 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଏହି ମଲ୍ଟି ଷ୍ଟାର୍ ସିନେମାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନେକ କଳାକାର ଅଭିନୟ କରିଛନ୍ତି। ପୌରାଣିକ କଥାବସ୍ତୁ ଆଧାରିତ ଏହି ଚଳଚ୍ଚିତ୍ରରେ କଳାକାରମାନଙ୍କ ଉଚ୍ଚକୋଟୀର ଅଭିନୟ କରିଛନ୍ତି। ଏଥିରେ ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ,ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର,କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର , ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ରାଜା ରାମଚନ୍ଦ୍ର ଦେବ ଚରିତ୍ରରେ ଅଭିନେତା ଜ୍ୟୋତି ଓ ରାଣୀ ଚରିତ୍ର ଅଭିନେତ୍ରୀ ଶିବାନୀ ଅଭିନୟ କରିଛନ୍ତି। ଏହି ପୌରାଣିକ ଚଳଚ୍ଚିତ୍ରରେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।


## 'ସର୍ଦ୍ଦାର' ଭୂମିକାରେ କୁନା

'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ବରିଷ୍ଠ ଅଭିନେତା କୁନା ତ୍ରିପାଠୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ। ଏଥିରେ ସେ ଟୋଟମିଗଡ଼ର ସର୍ଦ୍ଦାର ଭୂମିକାରେ ଅଭିନୟ କରିଛନ୍ତି। ରାଜା ରାମଚନ୍ଦ୍ର ଦେବ ଯୁଦ୍ଧରେ ଆହତ ହୋଇଥିବା ବେଳେ ଇଏ ତାଙ୍କୁ ଆତିଥ୍ୟ ଦେଉଛନ୍ତି। ତାଙ୍କର ସେବା ଯତ୍ନ ସହ, ତାଙ୍କୁ ପୁଣି ଥରେ ନିଜର ସମ୍ମାନ ତଥା ରାଜଗାଦି ଫେରାଇବା ପାଇଁ ଆପ୍ରାଣ ଉଦ୍ୟମ ଓ ଚେଷ୍ଟା କରୁଛନ୍ତି। କେବଳ ସେତିକି ନୁହେଁ, ନିଜ କନ୍ୟାକୁ ସେ ଗଜପତିଙ୍କୁ ବିବାହ ଦେବା ସହ ସୈନ୍ୟ ସହଯୋଗ ମଧ୍ୟ ଯୋଗାଇ ଦେଉଛନ୍ତି। ନିଜ ଭୂମିକା ଓ ଚଳଚ୍ଚିତ୍ର ସମ୍ପର୍କରେ କୁନା କୁହନ୍ତି, "ଅନେକ ନବକଳେବର ହୋଇଛି ମାତ୍ର ଇଏ ଏକ କାଳଖଣ୍ଡ ଓ ସମୟର କଥା। ମୋ ଚରିତ୍ରର ମାପ ସେତେ ବଡ଼ ନୁହେଁ, କିନ୍ତୁ କାହାଣୀର ମୋଡ଼ ବଦଳାଉଥିବା ଚରିତ୍ରଟିଏ। ସିନେମା କଥା କହିଲେ, ଏହି ସିନେମା ସହ ଆମ ସ୍ୱାଭିମାନ ଜଡ଼ିତ, ଓଡ଼ିଆତ୍ୱ ଜଡ଼ିତ। ଜଗନ୍ନାଥ ଆମ ପରିବାରର ମୁଖିଆ। ଆମ ଜାତିର ନେତା। ପ୍ରତ୍ୟେକ ଓଡ଼ିଆର ଭାବପ୍ରବଣତା ଜଡ଼ିତ ଏହି ଚଳଚ୍ଚିତ୍ର ସହିତ।"

## ବଡ଼ କାନ୍‌ଭାସର ସିନେମାକୁ ସମ୍ପୂର୍ଣ୍ଣ କରିବା ବଡ଼ ଚାଲେଞ୍ଜ"

ପୌରାଣିକ ଚରିତ୍ରରେ ଅଭିନୟ କରିବାରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ହେଉଛି ମୋର ପ୍ରଥମ ସିନେମା। ଏଥିରୁ ଯେଉଁ ଆତ୍ମସନ୍ତୋଷ ପାଇଛି, ତାହା ଆଗରୁ କେବେ ମିଳି ନଥିଲା। ଏତେବଡ ଷ୍ଟାରକାଷ୍ଟକୁ ଏତେ ବଡ଼ କାନ୍‌ଭାସର ସିନେମା, ଏହାକୁ ସମ୍ପୂର୍ଣ୍ଣ କରିବା ସବୁଠୁ ବଡ଼ ଚାଲେଞ୍ଜ ଥିଲା ଆମ ପାଇଁ। ସେହି ସମୟକୁ ପୁଣି ଥରେ ପରଦା ଉପରକୁ ଫେରାଇ ଆଣିବା ଏତେ ସହଜ ନଥିଲା। ଏଥିରେ ଓଡ଼ିଆ ଜାତିର ସ୍ୱାଭିମାନ, ସାହସ ଓ ବୀରତ୍ୱର ଗାଥା ରହିଛି। ରହିଛି ଜାତିର ଆରାଧ୍ୟ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଓ ଭକ୍ତିର ନିଦର୍ଶନ। ଏହି ଚଳଚ୍ଚିତ୍ରର ଏକ ଅଂଶ ହୋଇଥିବାରୁ ମୁଁ ଗୌରାବାନ୍ୱିତ ମନେକରେ। ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲଙ୍କ ପାଖରେ ଚିର ଋଣୀ। ■

**ପିଙ୍କି ପ୍ରଧାନ, ଅଭିନେତ୍ରୀ**



## ଗୁଲ୍‌ମାସ ଚରିତ୍ରରେ ସୂର୍ଯ୍ୟମୟୀ

ଓଲିଉଡ୍‌ର ରୋମାଣ୍ଟିକ ନାୟିକା ସୂର୍ଯ୍ୟମୟୀ। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳଚ୍ଚିତ୍ରରେ ଦର୍ଶକ ତାଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଏହି ସିନେମାରେ ସୂର୍ଯ୍ୟମୟୀଙ୍କ ଭୂମିକାରେ ନିଆରାପଣ ରହିଛି। ଏହି ଚଳଚ୍ଚିତ୍ରରେ କଳାପାହାଡ଼ର ସ୍ତ୍ରୀ 'ଗୁଲ୍‌ମାସ୍' ଚରିତ୍ରରେ ସୂର୍ଯ୍ୟମୟୀଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିବ। ସେପଟେ 'କଳାପାହାଡ଼' ଭୂମିକାରେ ଅଭିନେତା ଅଂଶୁମାନ ଅଭିନୟ କରିଛନ୍ତି। ଅଂଶୁମାନ ଓ ସୂର୍ଯ୍ୟମୟୀଙ୍କ ଯୋଡ଼ିର ପ୍ରଥମ ସିନେମାରେ ଉଭୟଙ୍କୁ ଏକ ଭିନ୍ନ ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ନିଜ ନିଜ ଭୂମିକାକୁ ନେଇ ଉଭୟେ ଖୁବ୍ ଉତ୍ସାହିତ ଅଛନ୍ତି।

## ହୃଦୟସ୍ପର୍ଶୀ ଗୀତ

ମୁକ୍ତିଲାଭ ପୂର୍ବରୁ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳଚ୍ଚିତ୍ରର ଗୀତଗୁଡ଼ିକକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଡ. ନିର୍ମଳ ନାୟକଙ୍କ ରଚିତ 'ଜଗତରେ ପାଇବୁନି ଏମିତି ଠାକୁର...' ଗୀତଟି ବେଶ ଭାଇରାଲ ହୋଇଛି। ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଏଥିରେ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସତ୍ୟଜିତ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟବ୍ରତ ସାହୁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ନୃତ୍ୟ ନିର୍ଦ୍ଦେଶକ ଅଛନ୍ତି ବବି ଇସଲାମ ଓ ଜିତୁ ରାଉତ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଦୃଶ୍ୟଗୁଡ଼ିକ ସୁକୁମାର ମଣିଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସଫଳତା ନେଇ ପୂରା ଟିମ୍ ଆଶାବାଦୀ ଅଛନ୍ତି।



**ନୀତି ଅନୀତି ରାଜନୀତି**

ଶ୍ରୀବିଦୂର



## ବଂଶ ବୁଡ଼ିବା ବେଳକୁ ଘୋଡ଼ାମୁହାଁ ପୁଅ

ଆସ୍କାର ପଦ୍ମ ନେତା ସରୋଜ ପାଢ଼ୀ ହେଲେ ଭିନ୍ନ ପ୍ରଜାତିର ମଣିଷ । ଢେର୍ ତୁଠରେ ବୁଡ଼ ମାରି ଏବେ ସିଏ ପଦ୍ମ ପୋଖରୀରେ ଚିତି ପହଁରା ମାରୁଛନ୍ତି । ସେଥିପାଇଁ ତାଙ୍କୁ ହାତ ପାର୍ଟିଆ ନେତାମାନେ ଡ଼ହରା, ଗାଲୁଆ, ବାହାପିଆ, ଆସ୍କା ପାଢ଼ୀ ପରି ବିଭିନ୍ନ ନାମରେ ସମ୍ବୋଧନ କରିଥାଆନ୍ତି । ନିର୍ବାଚନ ପରେ ପରେ ପାଢ଼ୀ ବାବୁଙ୍କ ନାମରେ ବାଲି ବଟି ଆଦାୟ ଅଭିଯୋଗ ଆସିଥିଲା, କିଛି ଭିଡ଼ିଓ ଓ ଅଡ଼ିଓ ଭାଇରାଲ ବି ହୋଇଥିଲା । ଏ କଥାକୁ ଅନେକ ତାହା ଭୂଲି ଗଲେଣି । ମାତ୍ର ଏବେ ପାଢ଼ୀବାବୁ କହିଥିବା ପଦେ କଥାକୁ ନେଇ ରାଜ୍ୟ ସାରା ଚର୍ଚ୍ଚା । ଓଡ଼ିଶାକୁ ଦେଶ ବିଦେଶରେ କେହି ଜାଣି ନ ଥିଲେ; ମାତ୍ର ବର୍ଷକ ତଳେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଓଡ଼ିଶା ସାରା ଦେଶ ବିଦେଶରେ ପରିଚିତି ପାଇଛି ବୋଲି ପାଢ଼ୀବାବୁ ଯାହା କହିଛନ୍ତି ତାହା ନିଃସନ୍ଦେହରେ ସତ୍ୟ ବୋଲି ତାଙ୍କ ବିରୋଧୀମାନେ ବି ସ୍ୱୀକାର କରୁଛନ୍ତି । ରାଜ୍ୟପାଳଙ୍କ ପୁଅ ମାଡ଼ ମାରି ପୁରୀରେ ଜଣେ ସରକାରୀ କର୍ମଚାରୀଙ୍କୁ ଆହତ କରିବା ଘଟଣା, ବଡ଼ଠାକୁର ବଳଭଦ୍ର ରଥରୁ ଗଳି ପଡ଼ିବା ଘଟଣା ଓଡ଼ିଶାକୁ ଦେଶରେ ବେଶ୍ (କୁ) ଖ୍ୟାତି ଦେଇଛି । ଏବେ ପାଢ଼ୀ ବାବୁଙ୍କ ନିଜ ଜିଲ୍ଲା ଗଞ୍ଜାମର ଧରାକୋଟରେ ଦୁଇ ଦଳିତ ଯୁବକଙ୍କୁ ନାଳପାଣି ପିଆଇବା ଘଟଣା ଦେଶ ସାରା ଓଡ଼ିଶାକୁ ପ୍ରସିଦ୍ଧି (!) ଦେଇଛି; ଆଉ ଗୋପାଳପୁର ବେଳାଭୂମିରେ ଗଣ ବଳାତ୍କାର ଘଟଣା ତ ବିଦେଶରେ ପହଞ୍ଚିଛି । ଆମେରିକା ସରକାର ଓଡ଼ିଶାର ଆଇନଶୃଙ୍ଖଳା ଅବସ୍ଥାକୁ ଦେଖି ଯେଉଁପରି ପ୍ରଶଂସା କରିଛନ୍ତି ତାହା ତ ପଦୁଅଁ ନେତା ପାଇଁ ବଡ଼ ଜଳାପୋଡ଼ା ହେଉଛି । ପାଢ଼ୀବାବୁ କୋଉ ମିଛ କଥା କହିଛନ୍ତି କି ? ସେଇଥିପାଇଁ ପରା କଥାରେ ଅଛି- ବଂଶ ବୁଡ଼ିବା ବେଳକୁ ଘୋଡ଼ାମୁହାଁ ପୁଅ ଜନ୍ମ । ■



## ଗୋପାଳପୁର ଲଜ୍ଜା, ବିଭୂତିଙ୍କ ଶିରପୀଡ଼ା

ନିଜ ବନ୍ଧୁ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଛି । ଏହି ଘଟଣାରେ ଚାରିଜଣ ନାବାଳକଙ୍କ ସହ ମୋଟ ୧୦ଜଣଙ୍କ ସମ୍ପୃକ୍ତି ଯେତିକି ସମ୍ବେଦନଶୀଳ; ବଳାତ୍କାରୀମାନେ ଦୁଷ୍କର୍ମ କଣ୍ଡୋମ ବ୍ୟବହାର କରିବା ଖବର ତା'ଠାରୁ ଅଧିକ ସ୍ପର୍ଶକାତର । ଦୁଷ୍କର୍ମ ନିମନ୍ତେ ବଳାତ୍କାରୀ ପକେଟରେ କଣ୍ଡୋମ ଧରି ବୁଲିବା ପରି ଘଟଣା କେବଳ ଗଞ୍ଜାମ ଜିଲ୍ଲାର ଆଇନଶୃଙ୍ଖଳାର ଅଧୋଗତି ନୁହେଁ, ଆଇନ ପ୍ରତି ଅପରାଧୀଙ୍କ ଭୟହୀନତାକୁ ଦର୍ଶାଉଛି । ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ଏପରି ଘଟଣା ଘଟିଥିବାବେଳେ ସ୍ଥାନୀୟ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ବିଭୂତି ଜେନାଙ୍କ ରହସ୍ୟମୟ ନିରବତା ସମସ୍ତଙ୍କୁ କଷ୍ଟ ଦେଇଛି । ଠିକ୍ ଏହି ସମୟରେ ଧରାକୋଟରେ ଦୁଇ ଦଳିତ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର, ସେମାନଙ୍କୁ ନଳାପାଣି ପିଆଇବା, ଆଣ୍ଠୁରେ ଚଲାଇବା ପରି ମଧ୍ୟଯୁଗୀୟ ବର୍ବରତାରେ ସମ୍ପୃକ୍ତଙ୍କ ସହ ଘନିଷ୍ଠତା ଖବର ଓ ଫଟୋ ଘୂରିବୁଲିବା ମନ୍ତ୍ରୀ ବିଭୂତିଙ୍କ ପାଇଁ ଅଡୁଆ ହୋଇଛି । ସେଥିଲାଗି ବିରୋଧୀମାନେ ବିଭୂତି ଓ ଅପରାଧ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ବୋଲି ପ୍ରଚାର ଆରମ୍ଭ କରିଛନ୍ତି । ୨୦୧୯ ରୁ ୨୦୨୪ ମସିହା ମଧ୍ୟରେ ବିଭୂତିଙ୍କ ସମ୍ପତ୍ତି ୨୦ ଗୁଣ ଓ ଅପରାଧ ମାମଲା ସଂଖ୍ୟା ଦୁଇଗୁଣରୁ ଅଧିକ ବୃଦ୍ଧିକୁ ଦୃଷ୍ଟାନ୍ତ ଦେଉଛନ୍ତି । ବାର୍ଷିକ ୫ରୁ ୬ ଲକ୍ଷ ଟଙ୍କା ଆୟକର ରିଟର୍ଣ୍ଣ ଦେଉଥିବା ବିଭୂତିଙ୍କ ସମ୍ପତ୍ତି ସାଢ଼େ ଦଶ ଲକ୍ଷରୁ କିପରି ଦୁଇ କୋଟି ଟପିଗଲା ବୋଲି ପ୍ରଶ୍ନ କରି ଅପରାଧ ତତ୍ତ୍ୱଙ୍କ ସହ ତାଙ୍କର ସମ୍ପର୍କ ନେଇ ଚଲାଇଥିବା ପ୍ରଚାର ବିଭୂତିଙ୍କ ଶିରପୀଡ଼ା ବଢ଼ାଇ ଦେଇଛି । ■



## କାକ କି କରିବ ପଞ୍ଚମାଳାପ..

ଦକ୍ଷିଣାଞ୍ଚଳ ରେଞ୍ଜ ପୁଲିସ ମୁଖିଆ ହେଉଛନ୍ତି ବାବୁ ନୀତି ଶେଖର । ଫେବୃଆରୀ ମାସଠାରୁ ସେ ଦକ୍ଷିଣାଞ୍ଚଳ ପୁଲିସ ମୁଖିଆ ଭାବରେ ବ୍ରହ୍ମପୁର ଆସିବା ଦିନଠାରୁ ଜିଲ୍ଲାରେ ଆଇନଶୃଙ୍ଖଳା ଅବସ୍ଥା ରସାତଳକୁ ଗଲାଣି । ଗଞ୍ଜାମ ଜିଲ୍ଲାର ଅପରାଧ ଗ୍ରାଫ୍ କୁଆଡ଼େ ଗଲା ୧୨୦ ଦିନ ମଧ୍ୟରେ ଆକାଶ ଛୁଇଁଲାଣି । ଅପରାଧୀମାନେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଗଞ୍ଜେଇ ଧୂଆଁରେ ଉଡ଼ାଇ ଦେଲେଣି । ପ୍ରତିଦିନ ଗଞ୍ଜାମ ଜିଲ୍ଲାରେ କେଉଁଠି ନା କେଉଁଠି ଦୁଷ୍କର୍ମ, ହତ୍ୟା ଘଟଣାର ଖବର ଆସୁଛି । ଏହି ସମୟରେ ଗୋପାଳପୁର ଗଣ ବଳାତ୍କାର ଆଉ ଧରାକୋଟ ଘଟଣା ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଛି । ମାତ୍ର ରେଞ୍ଜ ମୁଖିଆ ଭାବରେ ଏ ସବୁ ପ୍ରତି ବାବୁଙ୍କର ନିଘା ନାହିଁ, ନିଜ ଧୁନ୍‌ରେ ବାବୁ ପୂରା ମଗ୍ନ । ବିରୋଧୀମାନେ ଏହି ଘଟଣାକୁ ନେଇ ଯେତିକି ଖପ୍ପା, ଶାସକ ପଦୁଅଁ ଦଳର ନେତାମାନେ ବି ସେତିକି ଅତିଷ୍ଠ । ଏବେ ପୁଣି ଆଇନଶୃଙ୍ଖଳା ପ୍ରସଙ୍ଗକୁ ନେଇ ଫେରାଦ ହେବାକୁ ଯାଇଥିବା ଅନେକ ନେତାଙ୍କ ପ୍ରତି ବ୍ୟବହାର ତାଙ୍କୁ ସବୁ ମହଲରେ ସମାଲୋଚିତ କରିଛି । ପୁଲିସ ପୋଷାକ ପିନ୍ଧିବା ବେଳେ ନେଇଥିବା ଶପଥ ଭୁଲି କ୍ଷମତା ମଦମତ୍ତ ପୁଲିସ ବାବୁ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ, ପୂର୍ବତନ ସାଂସଦ, ପୂର୍ବତନ ବିଧାୟକମାନଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର ରାଜ୍ୟ ପୁଲିସକୁ ଲଜ୍ଜିତ ଓ ଓଡ଼ିଆ ଅସ୍ମିତାକୁ ଧିକ୍କାର କରିଛି । ଯେତେ କହିଲେ କୁଆ ଯେପରି କୋଇଲି ହୋଇ ପାରେ ନାହିଁ, ସେଠାରେ ଅନୀତିଙ୍କଠାରେ ନୀତି ଆଶା କରିବା ବି ବୃଥା । କବିସୂର୍ଯ୍ୟ ବଳଦେବ ଯଥାର୍ଥରେ ଲେଖିଛନ୍ତି ପରା-

*ଅଲକତ ଦ୍ରବ୍ୟ ନୟନେ ବୋଳି, ରସାଳ ଗହଳ ଶାଖାରେ ଖେଳି ।*
*କବଳ କରୁ ତା କଳି କଳାପ, କାକ କି କରିବ ପଞ୍ଚମାଳାପ ॥* ■



## ନଇଁ ପଡ଼ିଥିବ ଯେତିକି ବେଳେ

ପୂର୍ବରୁ ଶଙ୍ଖ ସରକାର କଲେଜରେ ପଢୁଥିବା ପିଲାଙ୍କୁ ୧୦ ହଜାର ଟଙ୍କାରୁ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେଉଥିଲେ । ସରକାର ଆସିଲେ ଏହାକୁ ବୃଦ୍ଧି କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ନୂଆ ଓଡ଼ିଶା ଯୋଜନା ଆରମ୍ଭ କରାଯିବ ବୋଲି କହିଥିଲେ । ମାତ୍ର ସରକାର ବଦଳିବା ପରେ ନୂଆ ଓଡ଼ିଶା ଯୋଜନା ତ ହେଲା ନାହିଁ, ଓଲଟି ପୂର୍ବରୁ ପିଲାମାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ବନ୍ଦ ହୋଇଗଲା । ଏବେ ପୁଣି ବର୍ଷକ ମଧ୍ୟରେ ସବୁ ନିଯୁକ୍ତି ପରୀକ୍ଷାରେ ଯାବତୀୟ ଅନିୟମିତତା । ଛାତ୍ର ସଂସଦ ନିର୍ବାଚନ ହେଲେ ୟା'ଙ୍କ ଅବସ୍ଥା ପିଲାମାନେ ରଖିବେ ତ? ରାଜ୍ୟରେ ସମ୍ଭାବ୍ୟ ଛାତ୍ରସଂସଦ ନିର୍ବାଚନକୁ ନେଇ ହାତନେତା ଜୟଦେବଙ୍କ ବାଣ ସୂର୍ଯ୍ୟବଂଶୀଙ୍କ କଟା ଘା'ରେ ଚୂନ ଲେପିବା ସଦୃଶ ହୋଇଛି ଓ ସରକାରଙ୍କୁ ଅକଳରେ ପକାଇ ଦେଇଛି । ଜୟଦେବ ଖାଲି ହାତ ଦଳର ପୁରୁଖା ନେତା ନୁହନ୍ତି; ଅନେକ ନେତାଙ୍କୁ ପାଣି ପିଆଇବାର ବିରଳ କ୍ଷମତା ତାଙ୍କ ନିକଟରେ ରହିଥିବା ଅନେକ କହନ୍ତି । ରିଙ୍ଗରେ ଗ୍ରେଟ୍ ଖଲି ଯେପରି ତାଙ୍କ ପ୍ରତିପକ୍ଷଙ୍କ ଦୁର୍ବଳ ଅଙ୍ଗରେ ଆଘାତ କରିବାରେ ଖ୍ୟାତ, ଠିକ୍ ସେମିତି ମାଷ୍ଟରକ୍ୟାଣ୍ଟିନ ମଠର ଏହି ପୂର୍ବତନ ମହନ୍ତ ତାଙ୍କ କଳିଜାଭେଦୀ ବାଣ ପାଇଁ ଭାରି ପ୍ରସିଦ୍ଧ । ଆଉ ଏବେ ନଇଁ ପଡ଼ିଥିବ ଯେତିକି ବେଳେ, ବିଧାଏ ମାରିବ ସେତିକି ବେଳେ ନ୍ୟାୟରେ ଜୟଦେବ ସରକାର ଆଉ ମନ୍ତ୍ରୀମାନଙ୍କୁ ଯେପରି ଶବ୍ଦଭେଦୀ ବାଣ ମାରି ଚାଲିଛନ୍ତି; ସେଥିରେ ତାଙ୍କ ଦଳର ଟୋକାନେତାମାନେ କୁଆଡ଼େ ଉଲ୍ଲାସରେ ଡ଼େଇଁବା ଆରମ୍ଭ କରିଛନ୍ତି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।